ସକାଳ THE SAKALA



## ପାଟଣାଗଡ଼ରେ ଚାଞ୍ଚଲ୍ୟ

# ସ୍ତ୍ରୀ ହତ୍ୟାକାରୀ ସ୍ୱାମୀ ଗିରଫ

**ପାଟଣାଗଡ଼/ବଲାଙ୍ଗିର, ୫ା୧(ସମିସ)**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ସହର ଦେଇ ବହି ଯାଉଥିବା ମାୟାବତୀ ନଦୀ କୂଳରେ ଏକ ବିଭତ୍ସ ହତ୍ୟାକାଣ୍ଡ ଘଟିଛି। ନିଶାସକ୍ତ ଅବସ୍ଥାରେ ସ୍ୱାମୀ ତାର ସ୍ତ୍ରୀକୁ ଟାଙ୍ଗିଆରେ ହାଣି ମାରିଦେଇଛି। ମୃତ ମହିଳା ଜଣକ ହେଲେ ବ୍ରହ୍ମପୁରାସ୍ଥିତ କଲୋନୀପଡ଼ାର ଅଞ୍ଜନା ବାଗ (୫୫)। ଅଭିଯୁକ୍ତ ସ୍ୱାମୀ କୃଷ୍ଣଚନ୍ଦ୍ର ବାଗଙ୍କୁ ପୁଲିସ ଗିରଫ କରିଛି। ତେବେ ମଦ ପିଇବାକୁ କେନ୍ଦ୍ରକରି ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଥିବା ବିବାଦରୁ ଏହି ହତ୍ୟାକାଣ୍ଡ ଘଟିଥିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।

ମିଳିଥିବା ସୂଚନା ଅନୁସାରେ ଶୁକ୍ରବାର ସକାଳେ ମଦ ପିଇବାକୁ ନେଇ କୃଷ୍ଣଚନ୍ଦ୍ର ଓ ଅଞ୍ଜନାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। କୃଷ୍ଣଚନ୍ଦ୍ର ପ୍ରତିଦିନ ମଦ ପିଉଥିବାରୁ ଅଞ୍ଜନା ତାଙ୍କୁ ବାରଣ କରୁଥିଲେ। ତେଣୁକରି ସେମାନଙ୍କ ମଧ୍ୟରେ ପ୍ରତିଦିନ କଜିଆ ହେଉଥିଲା। ଶୁକ୍ରବାର ମଧ୍ୟ ସେହି ସମାନ ଘଟଣା ଘଟିଥିଲା। ପାଟିତୁଣ୍ଡ ହୋଇ ଅଞ୍ଜନା ମାୟାବତୀ ନଦୀକୁ ଗାଧୋଇବାକୁ ଚାଲି ଯାଇଥିଲେ। ଏଥିରେ କୃଷ୍ଣଚନ୍ଦ୍ର



ରାଗ ଜର୍ଜରିତ ହୋଇ ଏକ ଟାଙ୍ଗିଆ ଧରି ସ୍ତ୍ରୀର ପଛେପଛେ ଯାଇଥିଲା। ନଦୀକୂଳରେ ପୁଣି ଦୁହିଁଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିବା ବେଳେ କୃଷ୍ଣ ଟାଙ୍ଗିଆରେ ତାଙ୍କର ମୁଣ୍ଡରେ ଚୋଟ ମାରିଥିଲେ। ଏଥିରେ ଅଞ୍ଜନାଙ୍କ ମୁଣ୍ଡରେ ଗଭୀର କ୍ଷତଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା। ପାଣିରେ ପଡ଼ି ସେ ଛଟପଟ ହେଉଥିବା ବେଳେ କୃଷ୍ଣ ଘଟଣାସ୍ଥଳରୁ ଫେରାର ମାରିଥିଲା। ଘଟଣାସ୍ଥଳରେ ଅଞ୍ଜନାର ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା କ୍ଷଣି ଘଟଣାସ୍ଥଳରେ ଲୋକଙ୍କ ଭିଡ ଜମିଥିଲା। ଖବର ପାଇ ପାଟଣାଗଡ଼ ପୁଲିସ ସେଠାରେ ପହଞ୍ଚି ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏହାର କିଛି ସମୟ ପରେ ହିଁ ବ୍ରହ୍ମପୁରାଠାରୁ କୃଷ୍ଣଚନ୍ଦ୍ରଙ୍କୁ ଗିରଫ କରିଥିଲା। ଏହି ହତ୍ୟା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଛି। ହତ୍ୟା ପଛରେ ଅନ୍ୟ କିଛି କାରଣ ରହିଥିବା ମଧ୍ୟ ଚର୍ଚ୍ଚା ହେଉଛି। ତେବେ ଅଧିକ ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ।

# ସ୍ତ୍ରୀ ଅଜାଣତରେ ଦ୍ୱିତୀୟ ବିବାହ କଲା ସ୍ୱାମୀ

**ବଲାଙ୍ଗିର, ୫ା୧(ସମିସ):** ଯୌତୁକ ଦାବି କରି ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଶଶୁର ଘର ଲୋକେ ବୋହୂକୁ ଘରୁ ତଡ଼ିଦେଲେ। ପ୍ରଥମ ସ୍ତ୍ରୀ ଜୀବିତ ଥାଇ ସ୍ୱାମୀ ଦ୍ୱିତୀୟ ବିବାହ କରିଥିବା ଭଳି ସଙ୍ଗୀନ ଅଭିଯୋଗ ନେଇ ବଲାଙ୍ଗିର ଜିଲ୍ଲା ତୁସୁରା ଥାନା ଅନ୍ତର୍ଗତ ସିରାବାହାଲ ଗ୍ରାମର ସୌଦାମିନୀ ବିଶ୍ୱାଳ ଶୁକ୍ରବାର ଏସପିଙ୍କ କାର୍ଯ୍ୟାଳୟରେ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ଥାନା ଅନ୍ତର୍ଗତ ଅର୍ଲାଡ଼ିରା ଗ୍ରାମର ପ୍ରକାଶ ବିଶ୍ୱାଳଙ୍କ ସହ ସୌଦାମିନୀ ବିବାହ କରିଛନ୍ତି। ଗତ ୧୧ ବର୍ଷ ତଳେ ସାମାଜିକ ରୀତିନୀତି ଅନୁସାରେ ସେ ପ୍ରକାଶଙ୍କୁ ବାହା ହୋଇଥିଲେ। ତେବେ ବିବାହର କିଛି ମାସ ପରେ ହିଁ ପ୍ରକାଶ ଓ ତାଙ୍କର ପରିବାର ଲୋକେ ଯୌତୁକ ଦାବିକରି ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ସେ ଅଭିଯୋଗ କରିଛନ୍ତି। ସ୍ୱାମୀ ସ୍ତ୍ରୀ ସମ୍ପର୍କରେ ଏଭଳି ବିବାଦ ମଧ୍ୟରେ ୮ ବର୍ଷ କଟିଥିବାବେଳେ ନିର୍ଯାତନାକୁ ସହ୍ୟ କରି ନ ପାରି ତିନି ବର୍ଷ ହେଲା ସୌଦାମିନୀ ଶଶୁର ଘର ଛାଡି ବାପଘରେ ରହୁଛନ୍ତି। ଏପରିକି ସ୍ୱାମୀ ଓ ଶଶୁର ଘର ପରିବାର ଲୋକଙ୍କ ବିରୋଧରେ ମଦନପୁର ରାମପୁର ଥାନାରେ ମାମଲା ରୁଜୁ କରିଛନ୍ତି। ଏହି ମାମଲା ବିଚାରାଧୀନ ଥିବାବେଳେ ଗତ ମାସରେ ଅନ୍ୟ ଏକ ଝିଅକୁ ବାହା ହୋଇଥିବା ସେ ଅଭିଯୋଗ କରିଛନ୍ତି। ସୌଦାମିନୀ ଏହାକୁ ବାରଣ କରିବାରେ ତାଙ୍କୁ ଅସଦାଚରଣ କରିବା ସହିତ ତାଙ୍କୁ ଜୀବନରେ ମାରି ଦେବାକୁ ଧମକ ଦେଉଥିବା କହିଛନ୍ତି। ଭୟରେ ସେ ମଦନପୁର ରାମପୁର ଯାଇ ନ ଥିବା ବେଳେ ଶୁକ୍ରବାର ବଲାଙ୍ଗିର ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତେବେ ଏଭଳି ମନମାନୀ କରି ସୌଦାମିନୀଙ୍କ ଜୀବନକୁ ନଷ୍ଟ କରିଥିବା ପ୍ରକାଶଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।



ଏସ୍‌ପିଙ୍କ ଦ୍ୱାରସ୍ଥ

# ସଡ଼କ ସୁରକ୍ଷା ସମ୍ପର୍କିତ ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତା

**ବଲାଙ୍ଗିର, ୫ା୧(ସମିସ):** ଜାନୁଆରୀ ୧ରୁ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ବଲାଙ୍ଗିର ଜିଲ୍ଲା ସଡକ ଓ ପରିବହନ ବିଭାଗ ତରଫରୁ ସଡକ ସୁରକ୍ଷା ସପ୍ତାହ ପାଳନ ହେଉଛି। ଏହି ଅବସରରେ ଗତ ୧ ତାରିଖରେ ଆଞ୍ଚଳିକ ପରିବହନ ଅଧିକାରୀ ରାଜେଶ ମାରାଣ୍ଡି ଓ ଏମଭିଆଇ ଗୌରହରି ହାଁସଦା ସଚେତନତା ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ସ୍ତରରେ ଦୁଇଟି ବର୍ଗରେ ସଡକ ସୁରକ୍ଷା ସଚେତନତା ସମ୍ପର୍କରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଓ ସ୍ଲୋଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚିତ୍ରାଙ୍କନ ପ୍ରତିଯୋଗିତାରେ ବିଶିଷ୍ଟ ଚିତ୍ରକର ବାସୁଦେବ ମେହେର ଓ ସ୍ଲୋଗାନ ପ୍ରତିଯୋଗିତାରେ ସାମ୍ବାଦିକ ସନ୍ଦୀପ କୁମାର ଓ ଶରତ ଚନ୍ଦ୍ର ମିଶ୍ର ବିଚାରକ ଭାବରେ ଯୋଗ ଦେଇଥିଲେ। କନିଷ୍ଠ ବର୍ଗରେ



ଅରିନ୍ଦମ ସାହୁ ପ୍ରଥମ, ସୌମ୍ୟରଞ୍ଜନ ସାହୁ ଦ୍ୱିତୀୟ ଓ ଶ୍ରେୟାଶ୍ରୀ ଭୋଇ ତୃତୀୟ ହୋଇଥିବା ବେଳେ ବରିଷ୍ଠ ବର୍ଗରେ ଅଙ୍କିତା ବିଶ୍ୱାଳ ପ୍ରଥମ, ନରେଶ ପ୍ରଧାନ ଦ୍ୱିତୀୟ ଓ ସୂର୍ଯ୍ୟ ନନ୍ଦ ତୃତୀୟ ହୋଇଛନ୍ତି। ସେହିପରି ସ୍ଲୋଗାନ ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ପ୍ରାଚୀ ନନ୍ଦ ପ୍ରଥମ, ଲିଜା ଭୋଇ ଦ୍ୱିତୀୟ ଓ ଦିବ୍ୟାଂଶୀ ପ୍ରିୟଦର୍ଶିନୀ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ବରିଷ୍ଠ ବର୍ଗରେ ବିନ୍ଦିଆ ସାହୁ ପ୍ରଥମ, ଶ୍ରାବଣୀ ଶୁଭଦର୍ଶିନୀ ବେହେରା ଦ୍ୱିତୀୟ ଓ ଅଭୀପସା ଦାଶ ତୃତୀୟ ହୋଇ ପୁରସ୍କୃତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମକୁ ହେଡକ୍ଲର୍କ କୃତାର୍ଥ କାଲସାଏ, ଚଞ୍ଚଳ ମିଶ୍ର, ଶ୍ରୀକାନ୍ତ ନାୟକ, ପଦ୍ମ ସେଠ, ସରୋଜ ଦେହୁରୀ, ସାଗର ପାଣ୍ଡେ, ତୀର୍ଥ ବଗର୍ତ୍ତୀ ପରିଚାଳନା କରିଥିଲେ।

# ଅବ୍ୟବସ୍ଥା ଘେରରେ ପଲ୍ଲୀବିକାଶ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ

## ଶ୍ରେଣୀଗୃହ ଅଭାବରୁ ଅଧାପନ୍ତରିଆ କୋଠାରେ ପଢୁଛନ୍ତି ଛାତ୍ରଛାତ୍ରୀ

**ତୁରେକେଲା, ୫ା୧(ସମିସ):** ବଲାଙ୍ଗୀର ଜିଲ୍ଲାର ତୁରେକେଲା ବ୍ଲକ କୁଇଁବାହାଲ ସରକାରୀ ପଲ୍ଲୀବିକାଶ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଶ୍ରେଣୀ ଗୃହ ଅଭାବରୁ



ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଏହି ବିଦ୍ୟାଳୟରେ ୧୧୭ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ରାଜ୍ୟ ସରକାର ଏହି ବିଦ୍ୟାଳୟକୁ ୨୦୨୨/୨୦୨୩ ଆର୍ଥିକ ବର୍ଷରେ ତୃତୀୟ ପର୍ଯ୍ୟାୟରେ ମୋ ସ୍କୁଲ ଯୋଜନାରେ ସାମିଲ କରି ବିଦ୍ୟାଳୟ ରୂପାନ୍ତରଣ ପାଇଁ ସରକାର ୪୫ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଛନ୍ତି। ଉକ୍ତ ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ତାହା ଅଧପନ୍ତରିଆ ହୋଇପଡ଼ିଛି। ଯଦ୍ୱାରା ସ୍ମାର୍ଟ ଶ୍ରେଣୀ କାର୍ଯ୍ୟକାରୀ କରିବା ବାଧାପ୍ରାପ୍ତ ହୋଇଥିବା ବେଳେ ଉଚ୍ଚମାନର ଶିକ୍ଷା ପାଇବାରୁ ଛାତ୍ରଛାତ୍ରୀ ବଞ୍ଚିତ ହୋଇଛନ୍ତି। ସ୍କୁଲର ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟରେ ଉକ୍ତ ଠିକାଦାର ଜଣକ ନିମ୍ନମାନର କାମ କରୁଥିବା ମଧ୍ୟ ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ସରକାରୀ ପଲ୍ଲୀବିକାଶ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଶ୍ରେଣୀ ଗୃହ ଅଭାବ ଯୋଗୁ ୫-ଟି କ୍ରମରେ ବିଦ୍ୟାଳୟ କାମ ଆରମ୍ଭ ହେବା ଦିନଠାରୁ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ପ୍ରାଥମିକ ବିଦ୍ୟାଳୟର ଅର୍ଦ୍ଧନିର୍ମିତ କୋଠାରେ ଶିକ୍ଷାଦାନ କରୁଛନ୍ତି। କୁଇବାହାଲ ୫-ଟି ସ୍କୁଲ ଯୋଜନାରେ ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ କେବେ ପୂର୍ଣ୍ଣାଙ୍ଗ ହେବ ସେନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ତେବେ ଏନେଇ ତୁରେକେଲା ସହକାରୀ ଜିଲ୍ଲାପାଳ ନବ ମଲ୍ଲିକଙ୍କୁ ପଚାରିବାରୁ ସେ କହିଥିଲେ ଯେ ବର୍ତ୍ତମାନ ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇନାହିଁ ଯଦ୍ୱାରା ଏହାର ଉଦଘାଟନ ହୋଇନାହିଁ।



# ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

**କଣ୍ଟାବାଞ୍ଜି, ୫ା୧(ସମିସ):** ହିଟ୍ ଆଣ୍ଡ ରନ ଆଇନକୁ ବିରୋଧ କରି ଓଡ଼ିଶା ଡ୍ରାଇଭର ମହାସଂଘ ଡାକରାରେ ଶୁକ୍ରବାର ଡ୍ରାଇଭର ମହାସଂଘ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ଶାଖା ଏବଂ ସ୍ଥାନୀୟ ଡ୍ରାଇଭର ୟୁନିୟନ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଡାକରା ଦେଇଛି। ଏନେଇ ଏକ ବୈଠକରେ ଡ୍ରାଇଭର ୟୁନିୟନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ୨୨ଟି ପଞ୍ଚାୟତର ଡ୍ରାଇଭରମାନେ ଯୋଗ ଦେଇଥିଲେ। ଏହି ଆନ୍ଦୋଳନକୁ କଣ୍ଟାବାଞ୍ଜି ଟ୍ରକ ମାଲିକ ସଂଘ ସଭାପତି ପ୍ରଭଜିତ ସିଂ ସାଲୁଜା ନିଜ ସଂଘର ସମର୍ଥନ ଜଣାଇ ବୈଠକରେ ଯୋଗ ଦେଇଥିଲେ। ହିଟ ଆଣ୍ଡ ରନ ଆଇନକୁ ବିରୋଧ କରିବା ସହ ଓଡ଼ିଶା ଡ୍ରାଇଭର ମହାସଂଘର ଅନ୍ୟ ଦାବି ମଧ୍ୟ ତୁରନ୍ତ ପୂରଣ କରିବାକୁ ଡ୍ରାଇଭରମାନେ ଦାବି କରିଛନ୍ତି। ଯେହେତୁ ଆନ୍ଦୋଳନର ପ୍ରଥମ ଦିନ ତେଣୁ ଆନ୍ଦୋଳନ ସେତେଟା ଉଗ୍ର ରୂପ ଧାରଣ କରି ନ ଥିବା ବେଳେ ଆସନ୍ତାକାଲିଠାରୁ ସମସ୍ତ ଡ୍ରାଇଭର ଆନ୍ଦୋଳନକୁ ଓହ୍ଲାଇବେ ବୋଲି କଣ୍ଟାବାଞ୍ଜି ଡ୍ରାଇଭର ୟୁନିୟନ ଏବଂ ଓଡ଼ିଶା ଡ୍ରାଇଭର ମହାସଂଘ କଣ୍ଟାବାଞ୍ଜି ଶାଖାର କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଓଡ଼ିଶା ଡ୍ରାଇଭର ମହାସଙ୍ଘ କଣ୍ଟାବାଞ୍ଜି ଶାଖା ସଭାପତି ଜିତ ଧରୁଆ, ଉପ-ସଭାପତି ଶମ୍ଭୁ ତାଣ୍ଡି, ବଲାଙ୍ଗିର ଜିଲ୍ଲା କୋଷାଧ୍ୟକ୍ଷ ଅମିତ ଦଣ୍ଡସେନା, ସମ୍ପାଦକ କାର୍ତ୍ତିକ ବରିହା, ସହ-ସମ୍ପାଦକ ପ୍ରସାଦ ବାଗ, କୋଷାଧ୍ୟକ୍ଷ ଆର୍ତ୍ତ ମହାନନ୍ଦ, ପରାମର୍ଶଦାତା ଭୁଜ ବାଗ, କଣ୍ଟାବାଞ୍ଜି ଡ୍ରାଇଭର ୟୁନିୟନ ସଭାପତି ପରମାନନ୍ଦ ହାତୀ, ଉପ-ସଭାପତି ନନ୍ଦଲାଲ କୁମ୍ଭାର ସମ୍ପାଦକ ଦୟାନିଧି ପୁଟେଲ, ପରାମର୍ଶଦାତା ଜିତ ସିଂ, ଦେବରାଜ ଯାଦବ, ଚନ୍ଦ୍ର ଦାସ ଏବଂ ସଦସ୍ୟ ଯୋଗେଶ୍ୱର ବେହେରାଙ୍କ ସମେତ ଶତାଧିକ ଡ୍ରାଇଭର ସାମିଲ ହୋଇଥିଲେ। ପରେ ଏକ ଶୋଭାଯାତ୍ରାରେ ସହର ମୁଖ୍ୟ ରାସ୍ତା ଦେଇ କଣ୍ଟାବାଞ୍ଜି ଥାନା ପହଞ୍ଚିଥିଲେ। ସେଠାରେ ଥାନା ଅଧିକାରୀଙ୍କୁ ଏକ ସ୍ମାରକ ପତ୍ର ଦେଇଥିଲେ।

# ତୁରେକେଲାରେ ବିଜେଡି କର୍ମୀ ସମ୍ମିଳନୀ

**ତୁରେକେଲା, ୫ା୧(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ତୁରେକେଲା ଆମ୍ବତୋଟାଠାରେ ବ୍ଲକସ୍ତରୀୟ ବିଜୁ ଜନତା ଦଳର ଏକ କର୍ମୀ ସମ୍ମିଳନୀ ବ୍ଲକ କୃଷକ ମୋର୍ଚ୍ଚା ସଭାପତି ଲକ୍ଷ୍ମଣ ପୁଟେଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୧୯ଟି ପଞ୍ଚାୟତର ବିଜେଡ଼ିର ସକ୍ରିୟ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ବିଜେଡି ନେତା ଅଜୟ ଦାସ ଯୋଗଦେଇ ଉପସ୍ଥିତ କର୍ମୀଙ୍କୁ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେବା ସହ ଆସନ୍ତା ନିର୍ବାଚନରେ ବିଜୁ ଜନତା ଦଳର



ବିଧାନସଭା ଓ ଲୋକସଭା ପ୍ରାର୍ଥୀ କେମିତି ବହୁ ସଂଖ୍ୟକ ଭୋଟରେ ବିଜୟୀ ହେବେ ସେନେଇ ତୃଣମୂଳ ସ୍ତରରୁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ବିଜେଡି ଯୁବ ନେତା ପୁରୁଷୋତ୍ତମ କୁଅଁର, ବିଜେଡି ନେତା କେଦାର ପଣ୍ଡା, ଗୋଲକ ମେହେର, ହେମପତି ଛତ୍ରିଆ, ପବିତ୍ର ହଂସ, ବନବାସ ସୁନା, ନବରଙ୍ଗ ଦାସ, ବିଲାଟୁ ସମରଥ, ମହେନ୍ଦ୍ର କୁମ୍ଭାର, ଯଶିଂ ଗଡ଼ତିଆଙ୍କ ସମେତ ବହୁ ବିଜେଡ଼ି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଫେବୃଆରୀ ୧୦ରୁ ଫାଇଲେରିଆ ନିରାକରଣ ଅଭିଯାନ

**ବଲାଙ୍ଗିର, ୫ା୧(ସମିସ):** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଫାଇଲେରିଆ ନିରାକରଣ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ବଲାଙ୍ଗିର ଜିଲ୍ଲାରେ ଚଳିତ ଫେବୃଆରୀ ୧୦ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଫାଇଲେରିଆ ନିରାକରଣ ଅଭିଯାନ ମାଧ୍ୟମରେ ସାମୂହିକ ଔଷଧ ସେବନ କାର୍ଯକ୍ରମ କରାଯିବ। ଏହି ସମୟ ମଧ୍ୟରେ ଜିଲ୍ଲାର ୧୪ ଲକ୍ଷ ୫୫ ହଜାର ୭୫ ଜଣଙ୍କୁ



ଫାଇଲେରିଆ ନିରାକରଣ ଅଭିଯାନ ମାଧ୍ୟମରେ ଔଷଧ ପ୍ରଦାନ କରାଯିବ। ଏଥି ସକାଶେ ୪୧୧୨ ଜଣ ଔଷଧ ପ୍ରଦାନକାରୀ ଓ ସ୍ୱାସ୍ଥ୍ୟକର୍ମୀ ଏବଂ ୪୧୧ ଜଣ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି। ଔଷଧ ପ୍ରଦାନକାରୀ ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ ନିଜ ତତ୍ତ୍ୱାବଧାନରେ ନିଜ ସମ୍ମୁଖରେ ଔଷଧ ଖୁଆଇବେ। ଗର୍ଭବତୀ ମହିଳା, ୨ ବର୍ଷରୁ କମ ବୟସର ଶିଶୁ ଓ ଗୁରୁତର ରୋଗୀଙ୍କୁ ଏହି ବଟିକା ଦିଆଯିବ ନାହିଁ। ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ ପରିବାରର ସଦସ୍ୟ ସଦସ୍ୟାମାନଙ୍କୁ ବୟସ ଅନୁସାରେ ଏହି ବଟିକା ଖୁଆଇବେ। ଏହି ଔଷଧ ସେବନ ଦ୍ୱାରା ଶରୀର ଭିତରେ ଥିବା ମାଇକ୍ରୋ ଫାଇଲେରିଆ ପରଭୋଜୀ ସମ୍ପୂର୍ଣ ଭାବେ ମରିଯାଆନ୍ତି। ଏବଂ ବଡ ପାରାସାଇଟ ମାନେ ନିସ୍ତେଜ ହୋଇଯାଆନ୍ତି ତଥା ଲୋକମାନେ ଭବିଷ୍ୟତରେ ଫାଇଲେରିଆ ରୋଗରୁ ସମ୍ପୂର୍ଣ ଆରୋଗ୍ୟ ଲାଭ କରନ୍ତି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କୁବେର ଚନ୍ଦ୍ର ମହନ୍ତ ସୂଚନା ଦେଇଥିଲେ। ଏ ସମ୍ପର୍କରେ ଜିଲ୍ଲାରେ ଔଷଧ ପ୍ରଦାନକାରୀ ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ତାଲିମ ପ୍ରଦାନ, ରାତ୍ରିକାଳୀନ ରକ୍ତ ନମୁନା ସର୍ଭେ, ବ୍ଲକସ୍ତରୀୟ ସମନ୍ୱୟ ବୈଠକ ଏବଂ ମାଇକ୍ରୋପ୍ଲାନ ସମ୍ପୂର୍ଣ ହୋଇଯାଇଛି ବୋଲି ସେ ସୂଚନା ଦେଇଥିଲେ। ସଚେତନତା ନିମନ୍ତେ ଏ ସମ୍ପର୍କିତ ଲିଫଲେଟ ବଣ୍ଟନ ଓ ବିଦ୍ୟାଳୟ ଗୁଡିକରେ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ଜିଲ୍ଲାପାଳ ଶିକ୍ଷା, ସୂଚନା, ଯୋଗାଯୋଗ ଉପଯୋଗ କରି ପ୍ରଦର୍ଶିତ ଭିଡିଓ ବାର୍ତ୍ତା କରି ସଚେତନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମ୍ମିଳନୀରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଦିବ୍ୟ କିଶୋର ପତି, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ସୁଦ୍ଧା ବାର୍ଲା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ମୃତ୍ୟୁଞ୍ଜୟ ମୁଣ୍ଡ, ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯକ୍ରମର ଜିଲ୍ଲା ସଂଯୋଜକ ସୁରେଶ ସ୍ୱାଇଁ, ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ରିତାଞ୍ଜଳି ମିଶ୍ର, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁଜୁର, ଜିଲ୍ଲା ପଞ୍ଚାୟତ ଅଧିକାରୀ ପ୍ରମୋଦ ମିଶ୍ର, ଜିଲ୍ଲା ଶିକ୍ଷାଧିକାରୀ ଧ୍ରୁବ ଚରଣ ବେହେରା, ଡିପିସି ମିଶନ ଶକ୍ତି ସୁମନ ଦ୍ୱିବେଦୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନୀଳାବତୀ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

# ବିଧାୟକଙ୍କ ଦ୍ୱାରା ସାପ୍ତାହିକ ବଜାର ଉଦ୍‌ଘାଟନ

**ପାଟଣାଗଡ଼, ୫ା୧(ସମିସ):** ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ଭଇଁଷା ପଞ୍ଚାୟତ ସାନ ଝାଙ୍କରପାଲି ଗାଁର ସାପ୍ତାହିକ ବଜାରକୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଛନ୍ତି। ପାଟଣାଗଡ଼ ବିଧାୟକ ତଥା ସରକାରୀ ଦଳର ଉପମୁଖ୍ୟ ସଚେତକ ସରୋଜ କୁମାର ମେହେର। ଏହି ସାପ୍ତାହିକ ବଜାରଟି ପଞ୍ଚଦଶ ଅର୍ଥ କମିଶନ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଅଟକଳ ବ୍ୟୟବରାଦରେ ପିଣ୍ଡି ନିର୍ମାଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପାଟଣାଗଡ଼ ବ୍ଲକ ଅଧ୍ୟକ୍ଷ ନୀଳକାନ୍ତ ବାଗ, ୧୬ ନମ୍ବର ଜିଲ୍ଲା ପରିଷଦ ସଭ୍ୟା ବାଳିକା ମାଝୀ, ଭଇଁଷା ପଞ୍ଚାୟତର ସରପଞ୍ଚ ଜ୍ଞାନେନ୍ଦ୍ର ପଟେଲ, ସମିତି ସଭ୍ୟ ଛନ୍ଦାଚରଣ ସାହୁ ଯୋଗ ଦେଇଥିବା ସହ ବିଜେଡିର ସମସ୍ତ କର୍ମୀ ଉପସ୍ଥିତ ଥିଲେ।



# ବିଶ୍ୱ ପକ୍ଷୀ ଦିବସ ପାଳନରେ ସୁରକ୍ଷା ପାଇଁ ଦାବି

**ବଲାଙ୍ଗିର, ୫ା୧(ସମିସ):** ବଲାଙ୍ଗିର ସହର ମଧ୍ୟରେ କରଙ୍ଗାକଟା ନରସିଂହ ବନ୍ଧ ଓ ମାରୱାଡି ତଥା ୧୭ ଗୋଟି ବନ୍ଧ ଜଳାଶୟମାନଙ୍କୁ ପକ୍ଷୀଙ୍କ ଆଗମନକୁ ନେଇ ପରିବେଶପ୍ରେମୀମାନେ ଶୁକ୍ରବାର କରଙ୍ଗାକଟାଠାରେ ବିଶ୍ୱ ପକ୍ଷୀ ଦିବସ ପାଳନ କରିଛନ୍ତି। ସାରା ବିଶ୍ୱରେ ପକ୍ଷୀମାନଙ୍କ ସଂଖ୍ୟା ଦିକୁ ଦିନ ହ୍ରାସ ପାଇବା ଲାଗିଥିବାରୁ ଏହାକୁ ନେଇ ପରିବେଶବିତମାନେ ଚିନ୍ତା ପ୍ରକଟ କରିଛନ୍ତି। ପକ୍ଷୀ ସୁରକ୍ଷା ଦିଗରେ ସଚେତନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତି ବର୍ଷ ଜାନୁୟାରୀ ୫ରୁ ବିଶ୍ୱ ପକ୍ଷୀ ଦିବସ ଭାବରେ ପାଳନ କରାଯାଉଛି।



ପରିବେଶପ୍ରେମୀ, ବଲାଙ୍ଗିର ସହରର ବୁଦ୍ଧିଜୀବୀମାନଙ୍କୁ ନେଇ ବିଶ୍ୱ ପକ୍ଷୀ ଦିବସ ଅବସରରେ ସଚେତନା କରିବା ଉଦ୍ଦେଶ୍ୟରେ ପ୍ରଶାନ୍ତ ମହାକୁରଙ୍କ ଆବହକତ୍ୱରେ ମଧୁସୂଦନ ନାଏକ, ମନୋରଞ୍ଜନ ପୁରୋହିତ, ଜୟକୃଷ୍ଣ ମିଶ୍ର, ପ୍ରେସ କ୍ଲବ ସଭାପତି ଅରୁଣ ମିଶ୍ର, ନଗେନ କବାଟ, ସୁରେନ୍ଦ୍ର ନେଗୀ, ରିଣ୍ଟୁ ସାହୁ ଓ ସ୍ଥାନୀୟ ବାସିନ୍ଦାମାନେ ଉପସ୍ଥିତ ଥିଲେ।

# କଣ୍ଟାବାଞ୍ଜିରେ ସର୍ବଭାରତୀୟ ଚେସ୍ ପ୍ରତିଯୋଗିତା ଜାନୁଆରୀ ୧୩ରୁ

**କଣ୍ଟାବାଞ୍ଜି, ୫ା୧(ସମିସ):** କଣ୍ଟାବାଞ୍ଜି ସହରରେ ପ୍ରଥମ ଥର ପାଇଁ ଜାନୁଆରୀ ୧୩ ରୁ ୧୫ ତାରିଖ ଯାଏ ବିଜୁ ପଟ୍ଟନାୟକ କଣ୍ଟାବାଞ୍ଜି ଅଲ ଇଣ୍ଡିଆ ଓପନ ଚେସ ଚାମ୍ପିଅନସିପ ଆରମ୍ଭ ହେବ। ସ୍ଥାନୀୟ ହରିଭବନରେ ଏହା ହେବାକୁ ଥିବା ବେଳେ ବଲାଙ୍ଗିର ଜିଲ୍ଲା ଚେସ ଆସୋସିଏସନଙ୍କ ସହବନ୍ଧିତରେ ଥିବା କଣ୍ଟାବାଞ୍ଜି ଚେସ ଆସୋସିଏସନ ଆନୁକୂଲ୍ୟରେ ଏହା ଆୟୋଜିତ ହେବ। ଏଥିରେ ଜାତୀୟ ସ୍ତରର ଖେଳାଳିମାନେ ନିଜର ପ୍ରତିଭା ଦେଖାଇବେ। ପୂର୍ବରୁ ମଧ୍ୟ କଣ୍ଟାବାଞ୍ଜି ସହରରେ ଚେସ ପ୍ରତିଯୋଗିତା ହୋଇଛି। କିନ୍ତୁ ପ୍ରଥମ ଥର ପାଇଁ ଅଲ ଇଣ୍ଡିଆ ଚେସ ପ୍ରତିଯୋଗିତା ହେଉଥିବା ମିଡିଆ ପ୍ରଭାରୀ ଆଶିଷ ଖଇତାନ ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତାରେ ୧ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଓଡ଼ିଶା ସହ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଉତ୍ତରପ୍ରଦେଶ, ପଞ୍ଜାବ, ହରିଆଣା, ମଧ୍ୟପ୍ରଦେଶର ଖେଳାଳିମାନେ ଭାଗ ନେବା ପାଇଁ ପଞ୍ଜିକରଣ କରିଛନ୍ତି। ହାରାହାରି ୪୦୦ରୁ ଉର୍ଦ୍ଧ୍ୱ ଖେଳାଳି ଭାଗନେବେ ବୋଲି ଆଶା କରାଯାଉଛି। ଆୟୋଜକ କମିଟି ସଭାପତି ସୁଖଦେବ ମହାନ୍ତି, ସମ୍ପାଦକ ମଚିନ୍ଦ୍ର ନାରାୟଣ ବେହେରା, କାର୍ଯ୍ୟକାରୀ ସଭାପତି ସତୀଶ ମାରୁ, ଉପସଭାପତି ବିନୟ କୁମାର ବେହେରା, ସହ ସମ୍ପାଦକ ପ୍ରଶାନ୍ତ ପାଢ଼ୀ, ପରାମର୍ଶଦାତା ଦେବେନ୍ଦ୍ର ଯୋଶୀ, ରାଜେଶ କୁମାର, ଭବାନୀ ପ୍ରସାଦ ମେହେର, ପ୍ରତ୍ୟୁଷ ମହାନ୍ତି, ସନ୍ତୋଷ ମହାନ୍ତି, ଦେବ ମହାନ୍ତି, ମନୀଷ ଜୈନ, ବିପୁଳ ମାରୁ, ତାସିବ ଖାଁ, ଅରବିନ୍ଦ ଚନ୍ଦନ, ଦେବାର ବାରିକ, ସୀମରନ କୌର, ଆଇନ ପରାମର୍ଶଦାତା ବିବେକ ଶର୍ମା ଥିବା ବେଳେ ଖେଳାଳିମାନେ ଏହି ପ୍ରତିଯୋଗିତାରେ ସାମିଲ ହେବାକୁ ବା ପଞ୍ଜିକରଣ ପାଇଁ ସଂଯୋଜକ ସତୀଶ ମାରୁ ମୋବାଇଲ ନଂ ୯୦୭୮୯୫୭୧୨୧, ରଞ୍ଜିତ ସିଂ ବାବୁ-୭୯୭୮୭୪୯୭୭୨ ଏବଂ ଦିଲୀପ କୁମାର ରଣାଙ୍କ ମୋବାଇଲ ନମ୍ବରରେ ୭୮୪୭୯୭୮୮୩୩ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

# ତିନି ସ୍ଥାୟୀ ସମ୍ପାଦକଙ୍କ ଭରସାରେ ୧୦ଟି ପାକ୍ସରେ ଧାନ କିଣା

**ବଲାଙ୍ଗିର, ୫ ।୧(ସମିସ)**

ବଲାଙ୍ଗିର ଜିଲ୍ଲାରେ ସ୍ୱାଭାବିକ ଧାନକିଣା ପରେ ଏବେ ଅନିୟମିତତା ଅଭିଯୋଗ ଆସିବା ଆରମ୍ଭ ହୋଇଛି। ଧାନମଣ୍ଡିମାନଙ୍କରେ ବେପାରୀଙ୍କ ଧାନକୁ ଅଗ୍ରାଧିକାର ଦିଆଯାଉଥିବା ବେଳେ ଚାଷୀମାନେ ନିଜ ଧାନ ବିକିବାରେ ହିନସ୍ତା। ଭୋଗୁଥିବା ଅଭିଯୋଗ କରିଛନ୍ତି। ବିଶେଷ କରି ଲୋଇସିଂହା ବ୍ଲକରେ ଥିବା ମଣ୍ଡିମାନଙ୍କରେ ଏହି ସମସ୍ୟା ଏବେ ଗୁରୁତର ହୋଇଛି। ମାତ୍ର ତିନି ପ୍ୟାକ୍ସ ସମ୍ପାଦକଙ୍କ କର୍ତ୍ତୃତ୍ୱରେ ୧୦ଟି ମଣ୍ଡି ଚାଲିଛି। ଉକ୍ତ ମଣ୍ଡିମାନଙ୍କରେ ଡିଇଓ ଓ ପିଅନଙ୍କ ମନମାନୀ ଦେଖିବାକୁ ମିଳିଛି। ବେପାରୀ ମାନଙ୍କ ସହ ମିଶି ଉକ୍ତ କର୍ମଚାରୀମାନେ ଧାନ ବ୍ୟବସାୟ କରୁଥିବା ବେଳେ ଚାଷୀମାନଙ୍କୁ ହଇରାଣ କରୁଥିବା ଗୁରୁତର ଅଭିଯୋଗ ହୋଇଛି। ଏହା ସହ ସମ୍ପାଦକ ଦାୟିତ୍ୱରେ ଥିବା ଅତିରିକ୍ତ ସମ୍ପାଦକମାନଙ୍କୁ ମଧ୍ୟ ଏକାଧିକ ପାକ୍ସ ଦାୟିତ୍ୱ ଦିଆଯାଉଥିବାରୁ ସେହି ପାକ୍ସରେ ବି ପିଅନ ଓ ଡିଇଓମାନେ ଚାଷୀଙ୍କୁ ଶୋଷଣ କରୁଥିବା ଅଭିଯୋଗ ହୋଇଛି। ବଲାଙ୍ଗିର ଜିଲ୍ଲା ଲୋଇସିଂହାରେ ଥିବା ୨୦ଟି ପଞ୍ଚାୟତର ଚାଷୀମାନଙ୍କ ପାଇଁ ଦଶଟି ପ୍ରାଥମିକ ସମବାୟ ସମିତି ରହିଛି। ତେବେ ଏହି ଦଶ ସମବାୟ ସମିତି ପାଇଁ ମାତ୍ର ତିନୋଟି ସମ୍ପାଦକ ରହିଥିବା ଜଣାପଡ଼ିଛି। ଶୁଣିବାକୁ ଟିକେ ଅଜବ ଲାଗୁଥିଲେ ମଧ୍ୟ ଧାନକିଣା ଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବା ପାଇଁ

**ଡିଇଓ, ପିଅନଙ୍କ ସହ ବେପାରୀଙ୍କ ରାଜୁତି**

**ଚାଷୀଙ୍କ ପାଇଁ କଟକଣା, ବେପାରୀଙ୍କୁ ଖୋଲା ସମର୍ଥନ**

ଅଧିକାରୀଙ୍କ ଅଭାବର ସୁଯୋଗ ନେଉଛନ୍ତି ଅସ୍ଥାୟୀ କର୍ମଚାରୀ ଓ ଧାନ ବେପାରୀ। ସୂଚନା ଅନୁସାରେ ବ୍ଲକରେ ଥିବା ସଦର ପାକ୍ସ ଦାୟିତ୍ୱରେ ଜଣେ ଅତିରିକ୍ତ ସମ୍ପାଦକଙ୍କୁ ଦାୟିତ୍ୱ ଦିଆଯାଇଛି। ସେ ଲୋଇସିଂହା ସଦର ସହ କୁଶମେଲ ପାକ୍ସର ଭାରପ୍ରାପ୍ତ ସମ୍ପାଦକ ଦାୟିତ୍ୱରେ ମଧ୍ୟ ରହିଛନ୍ତି। ଗତ ଦୁଇ ବର୍ଷ ହେଲା ତାଙ୍କ ନାମରେ ଧାନକିଣା ସମୟରେ ଅନେକ ଅଭିଯୋଗ ହୋଇଥିଲେ ମଧ୍ୟ ତାଙ୍କୁ ଦୁଇ ଦୁଇଟି ମଣ୍ଡିର ଦାୟିତ୍ୱ ଦିଆଯାଇଛି। ଫଳରେ କୁଶମେଲ ପାକ୍ସରେ ସେଠାକାର ଡିଇଓ ଅନିଲ ସାହୁ ଓ ଲୋଇସିଂହା ପାକ୍ସରେ ପିଅନ ସନ୍ତୋଷ ଭୂୟାଁ ହିଁ ଧାନକିଣା ମୁଖ୍ୟ ଦାୟିତ୍ୱ ନେଇ ତାଙ୍କ ମନଇଚ୍ଛା ଧାନ କିଣୁଥିବା ଅଭିଯୋଗ ହୋଇଛି। ସେହିପରି ବୁର୍ଡା ଓ ଯୋଗୀସର୍ଡା ସମବାୟ ସମିତି ପାକ୍ସ ସମ୍ପାଦକ ଦାୟିତ୍ୱରେ ରହିଛନ୍ତି ଘନଶ୍ୟାମ ପୁଟା। ସେ ଯୋଗୀସର୍ଡା ପାକ୍ସ ସମ୍ପାଦକ ହୋଇଥିବା ବେଳେ ବୁର୍ଡାର ଅତିରିକ୍ତ ଦାୟିତ୍ୱ ନେଇଛନ୍ତି। ଫଳରେ ସେ ଯୋଗୀସର୍ଡାରେ ଅଧିକ ସମୟ ବିତାଉଥିବା ବେଳେ ତାହାର ସୁଯୋଗ ନେଇ ବୁର୍ଡା ଡିଇଓ ରଞ୍ଜନ କୁମ୍ଭାର ଧାନକିଣାରେ ଅନିୟମିତତା କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଦୁଇ ଜଣ ପାକ୍ସ ନିର୍ଦ୍ଦେଶକ ଧାନ ବେପାରୀ ହୋଇଥିବା ବେଳେ ତାଙ୍କ ସହ ମିଶି ଚାଷୀଙ୍କ ବଦଳରେ ସେମାନଙ୍କ ଧାନ ଆଗୁଆ କିଣାଯାଉଥିବା ଅଭିଯୋଗ ହୋଇଛି। ସେହିପରି ସରଗାଡ ଓ ବାଦିମୁଣ୍ଡା ପାକ୍ସ ଦାୟିତ୍ୱରେ ଅତିରିକ୍ତ ସମ୍ପାଦକ ଓ ଭାରପ୍ରାପ୍ତ ସମ୍ପାଦକ ଦାୟିତ୍ୱରେ ରହିଛନ୍ତି। ଯାହାର ସୁଯୋଗ ନେଇ ଉଭୟ ପାକ୍ସରେ ଡିଇଓ ଓ ପିଅନ ଧାନକିଣାରେ ଚାଷୀମାନଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ରେଙ୍ଗାଲି ଓ ବାନିପାଲି ପାକ୍ସରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। ଚାଷୀମାନଙ୍କ ଧାନକୁ ବେପାରୀମାନଙ୍କ ଜରିଆରେ ପାକ୍ସରେ କିଣାଯାଉଥିବା ବେଳେ ଆଭ୍ୟନ୍ତରୀଣ ଅଞ୍ଚଳ ହୋଇଥିବାରୁ କୌଣସି ଚଢାଉ କିମ୍ବା ଯାଞ୍ଚ ହେଉନାହିଁ। ଯାହାର ସୁଯୋଗ ନେଇ ନିର୍ଦ୍ଦିଷ୍ଟ କିଛି ବେପାରୀଙ୍କ କିଣାଧାନ ମିଲକୁ ଯାଉଥିବା ଦେଖିବାକୁ ମିଳିଛି। ସେହିପରି କୁଶଙ୍ଗ ଓ କନ୍ଦାପୁରୀ ସମବାୟ ସମିତି ଦାୟିତ୍ୱରେ ମଧ୍ୟ ଜଣେ ସମ୍ପାଦକ ଦୁର୍ଗାମାଧବ କଲତା ରହିଛନ୍ତି। ଫଳରେ ସେ ମଧ୍ୟ ଉଭୟ ମଣ୍ଡିକୁ ଧାନ ଦେବାରେ ଅସମର୍ଥ ହେଉଥିବା ଜଣାପଡ଼ିଛି। ତେବେ ଜିଲ୍ଲାରେ ଧାନକିଣା ଠିକଠାକ ଚାଲିଥିବା ପ୍ରଶାସନ କହୁଥିବା ବେଳେ ବାସ୍ତବିକ ଚିତ୍ର କିନ୍ତୁ ଭିନ୍ନ ରହିଛି। ଇଏତ ତ ଗୋଟିଏ ବ୍ଲକର ଦୃଶ୍ୟ ଏହିଭଳି ପ୍ରାୟ ସମସ୍ତ ବ୍ଲକରେ ସମାନ ଅବସ୍ଥା ଲାଗି ରହିଛି। ଯାହାର ସୁଯୋଗ ନେଇ ବେପାରୀ, ମିଲ ଏଜେଣ୍ଟ ଓ ପାକ୍ସ କର୍ମଚାରୀ ଲାଭବାନ ହେଉଥିବା ବେଳେ ଚାଷୀ ଶୋଷଣର ଶିକାର ହେଉଥିବା ଅଭିଯୋଗ ହୋଇଛି। ଏନେଇ ପ୍ରତିକ୍ରିୟା ପାଇଁ ଡିଆରସିଏସଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସେ ଫୋନ ଉଠାଇ ନ ଥିଲେ।

## କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ବିରୋଧ

# ଡ୍ରାଇଭର ସଂଘର ଷ୍ଟିୟରିଂଛାଡ଼ ଆନ୍ଦୋଳନ

**ଧର୍ମଗଡ଼/କୋକସରା, ୫।୧(ସମିସ)**





ଅଲ୍‌ଇଣ୍ଡିଆ ଡ୍ରାଇଭର ମହାସଂଘର ଆହ୍ୱାନ କ୍ରମେ ଓଡିଶା ଡ୍ରାଇଭର ସଂଘ ଷ୍ଟିୟରିଂ ଛାଡ଼ ଆନ୍ଦୋଳନକୁ ଓହ୍ଲାଇଛି। କିଛିଦିନ ତଳେ କେନ୍ଦ୍ର ସରକାର ଡ୍ରାଇଭରଙ୍କ ପାଇଁ ଏକ ବିଲ୍ ପାସ କରିଛନ୍ତି। ଯାହା ଡ୍ରାଇଭର ସଂଘ ଅସନ୍ତୋଷ ପ୍ରକାଶ କରିଛି। ଏଥିରେ ଦୁର୍ଘଟଣା ଜନିତ ମାମଲାରେ ଡ୍ରାଇଭର ପାଇଁ ୭ଲକ୍ଷ ଟଙ୍କା ଜରିମାନା ସମେତ ୧୦ବର୍ଷ କାଳ କାରାଦଣ୍ଡ ବିଧିବ୍ୟବସ୍ଥା ରହିଛି। ବିଭିନ୍ନ ୧୦ଟି ଦାବି ନେଇ ଧର୍ମଘଟ କରିଛି ଡ୍ରାଇଭର ମହାସଂଘ। ଧର୍ମଗଡ ବ୍ଲକ ସଭାପତି ଲକ୍ଷ ବାଗଙ୍କ ନେତୃତ୍ୱରେ ଶୁକ୍ରବାର ଧର୍ମଗଡ-ବିକ୍ରମଗୁଡା ଗୋଳେଇ ଛକ ନିକଟରେ ଶହ ଶହ ଡ୍ରାଇଭର ନାରାବାଜି କରିଛନ୍ତି। ବ୍ଲକ ସଂଯୋଜକ ତପନ ନିଆଲ, ଏନଏସି ଉପସଭାପତି ଲହଜଲ, ଧବଳେ ବଗର୍ତ୍ତି, ବିଜୁ ତାଣ୍ଡି, ପବିତ୍ର ହଂସ, ବିପିନ ଚାନ୍ଦି, ଗୁଣନିଧି ମାଝୀ, ରଷ୍ଟୁ କଟା ପ୍ରମୁଖ ଚେତାବନୀ ଦେଇଛନ୍ତି। ଡ୍ରାଇଭର ସଂଘ ସଭାପତି କାର୍ତ୍ତିକ ପୁଞ୍ଜି ଶାନ୍ତିଶୃଙ୍ଖଳା ଭାବେ ଆନ୍ଦୋଳନକୁ ଅବ୍ୟାହତ ରଖିବାକୁ ଆହ୍ୱାନ କରିଛନ୍ତି। ଏହି ଆନ୍ଦୋଳନ ଧର୍ମଗଡ ଉପଖଣ୍ଡ ବିଭିନ୍ନ ସ୍ଥାନରେ ଆଂଶିକ ପ୍ରଭାବ ପଡିଛି।

କୋକସରା ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ଶୁକ୍ରବାର ଅନିର୍ଦ୍ଦିଷ୍ଟ କାଳପାଇଁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଡକରା ଦିଆଯାଇଛି। ଜନ ଜୀବନ ଉପରେ ବିଶେଷ ପ୍ରଭାବ ପଡିଥିବା ଦେଖାଯାଇଛି। ଚାଷୀ ମଣ୍ଡିରେ ଧାନ ବିକ୍ରି ପାଇଁ ହନ୍ତସନ୍ତ ହେଉଛି। ଏପଟେ ପେଟ୍ରୋଲ ପମ୍ପକୁ ଟ୍ୟାଙ୍କର ପହଞ୍ଚି ପାରି ନଥିବା ଯୋଗୁଁ ଆଗକୁ ପେଟ୍ରୋଲ ଡିଜେଲର ଅଭାବ ଦେଖା ଦେଇପାରେ। ଲଡୁଗାଁଠାରେ ଡ୍ରାଇଭର ମହାସଂଘର ସଭାପତି ଭଗବାନ ପଟ୍ଟନାୟକଙ୍କ ନେତୃତ୍ୱରେ ସଂଘ ପକ୍ଷରୁ କେନ୍ଦ୍ର ସରକାରଙ୍କ ନୂଆ ଆଇନକୁ ତୀବ୍ର ବିରୋଧ କରିବା ସହ ଯୋରଦାର ଗର୍ଜିଛନ୍ତି। ଏଥିରେ ସଂଘର ଉପସଭାପତି ଡ଼ିସମ୍ବର ପାଣିଗ୍ରାହୀ, ସମ୍ପାଦକ କିଶନ ମାଝୀ, ଲକ୍ଷ୍ମଣ ଭାଟି, ଦ୍ୱାନ ଭାଟି, ତୋଫାନ ପଟେଲ, ପୂର୍ଣ୍ଣ ହଂସ, ପିତାମ ହଂସ ସମେତ ବହୁସଂଖ୍ୟାରେ ଡ୍ରାଇଭରମାନେ ସାମିଲ ହୋଇଥିଲେ।

## ଷ୍ଟିୟରିଙ୍ଗ ଛାଡ଼ ଆନ୍ଦୋଳନ ତୀବ୍ର କରିବ ଡ୍ରାଇଭିଂ ସଙ୍ଘ

**ଭବାନୀପାଟଣା, ୫।୧ (ସମିସ):** ନିର୍ଦ୍ଦିଷ୍ଟ ଦାବିନେଇ ଆଜି କଳାହାଣ୍ଡି ଜିଲ୍ଲାରେ ଡ୍ରାଇଭର ସଙ୍ଘ କେନ୍ଦ୍ର ସରକାର ବିରୋଧରେ ଆନ୍ଦୋଳନକୁ ଓହ୍ଲାଇଛି। କଳାହାଣ୍ଡି ଜିଲ୍ଲାର ସମସ୍ତ ବ୍ଲକରେ ଡ୍ରାଇଭରମାନେ ଧାରଣାରେ ଶାନ୍ତିପୂର୍ଣ୍ଣ ଭାବେ ବସିଥିଲେ। ଶନିବାରଠାରୁ ସରକାରୀ ଚାକିରି କରୁଥିବା ଡ୍ରାଇଭରଙ୍କ ବ୍ୟତୀତ ଅନ୍ୟ ସମସ୍ତ ଡ୍ରାଇଭର ଆନ୍ଦୋଳନରେ ସାମିଲ ହେବା କଥା ବୋଲି ଜିଲ୍ଲା ଡ୍ରାଇଭର ସଙ୍ଘ ସଭାପତି କାର୍ତ୍ତିକ ପୁଞ୍ଜି ପ୍ରକାଶ କରିଛନ୍ତି। ଏହାକୁ ଆଗାମୀ ଦିନରେ ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଆହୁରି ତୀବ୍ର କରିବାକୁ ସଂଘ ଶୁକ୍ରବାର ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ନେଇଛି।

## ବିଜେଡିର ୱାର୍ଡ ବୈଠକ, କର୍ମୀ ଉତ୍ସାହିତ



**କେସିଙ୍ଗା, ୫।୧(ସମିସ):** ୱାର୍ଡ ନଂ ୩ ପରେ ଶୁକ୍ରବାର କେସିଙ୍ଗା ଏନଏସିର ୱାର୍ଡ ନଂ ୪ଠାରେ ବିଜୁ ଜନତା ଦଳର କର୍ମକର୍ତ୍ତା ଏବଂ ସ୍ଥାନୀୟ ଅଧିବାସୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ ଯୋଗ ଦେଇଥିଲେ। ବିଜେଡି ସଂଗଠନକୁ କିଭଳି ଅଧିକ ମଜଭୂତ ଓ କ୍ରିୟାଶୀଳ କରିହେବ ସେନେଇ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ କିଭଳି ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ ସେନେଇ ସମସ୍ତେ ସଙ୍କଳ୍ପ ନେଇଥିଲେ। ଯୁବ ନେତା ଗଗନ ସୁନାନୀ, ରଞ୍ଜିତ ସୁନାନୀ, କୃପା ଶିଖା, ରାକେଶ ନାଏକ, ଆଶୁତୋଷ ବେହେରା, ଲମ୍ବୋଦର ସୁନାନୀ ତଥା ଯୁବ ଛାତ୍ର, ମହିଳା, ବୁଦ୍ଧିଜୀବୀ ଓ ସ୍ଥାନୀୟ ଅଧିବାସୀ ଉପସ୍ଥିତ ଥିଲେ।

## ଧର୍ମପରାୟଣା ମହିଳାଙ୍କ ପରଲୋକ



**ଲଡୁଗାଁ,୫।୧ (ସମିସ):** କୋକସରା ବ୍ଲକ ମାଝୀଗୁଡା ପଞ୍ଚାୟତ ଦାବ୍ରିଗୁଡା ଗ୍ରାମର ସ୍ୱର୍ଗତ ଅକ୍ଷୟ ଯୋଶୀଙ୍କ ଧର୍ମପତ୍ନୀ ମାଧବୀ ଲତା ଯୋଶୀ(୭୦)ଙ୍କ ଗତରାତି ରେ ପରଲୋକ ଗମନ ଘଟିଛି। ସେ ଜଣେ ଧର୍ମପରାୟଣ, ମେଳାପୀ ଓ ପରୋପକାରୀ ମହିଳା ଥିଲେ। ତାଙ୍କ ଦେହାନ୍ତ ପରେ ଆତ୍ମୀୟ ପରିଜନ ଶେଷ ଦର୍ଶନ କରିବା ପରେ ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସାନ ପୁଅ ଅମିତ ଯୋଶୀ ମୁଖାଗ୍ନି ଦେଇଥିବା ବେଳେ ବଡ ପୁଅ ଦିଲୀପ ଯୋଶୀ ବୋହୂ ନାତି ନାତୁଣୀ ବନ୍ଧୁ ପରିଜନ ଗ୍ରାମବାସୀ ଉପସ୍ଥିତ ଥିଲେ।

## ମା’ ଲଙ୍କେଶ୍ୱରୀ ଫୁଟ୍‌ବଲ ଉଦ୍‌ଘାଟିତ

**କୋକସରା, ୫।୧(ସମିସ):** କୋକସରା ବ୍ଲକ ଡାଲଗୁମା ବଡ଼ଭଟା ଖେଳପଡିଆରେ ଶୁକ୍ରବାର ମା’ ଲଙ୍କେଶ୍ୱରୀ ସପ୍ତଦିବସୀୟ ଫୁଟବଲ ପ୍ରତିଯୋଗିତା ଉଦଘାଟିତ ହୋଇଛି। ଡାଲଗୁମା ସରପଞ୍ଚ ଯୋଗୀନ୍ଦ୍ର ପଟ୍ଟନାୟକ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ କଂଗ୍ରେସ ନେତା ମହେନ୍ଦ୍ର ଧରୁଆ, ସମ୍ମାନିତ ଅତିଥି ପ୍ରଫୁଲ୍ଲ ଚଣ୍ଡୀ, ପବିତ୍ର ନାଗ ପ୍ରମୁଖ ଯୋଗ ଦେଇଥିଲେ। ଦଘାଟନୀ ମ୍ୟାଚ୍



ବଗାଡ ଓ ମଣ୍ଡଳ ଫୁଟବଲ୍ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧-୦ ଗୋଲରେ ମଣ୍ଡଳ ବିଜୟୀ ହୋଇଛି। ଖେଳକୁ ଚିତ୍ତରଞ୍ଜନ ଠାକୁର ଓ ସୌମ୍ୟରଞ୍ଜନ ଦାସ ପରିଚାଳନା କରିଥିବାବେଳେ ସୁଧୀର ଖର୍ସେଲ ଓ ମୁକେଶ କୁମାର କଟା ଲାଇନସ୍ ମ୍ୟାନ ଥିଲେ। ଫକିର ଶଗଡ଼ିଆ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ଅନୁଷ୍ଠାନର ଅମୋଜ ଧରୁଅ, ଦିଗାମ୍ବର ବେମାଲ, ଅକ୍ଷୟ ଧରୁଆ, ଚକ୍ରଧର ପୋଡ, ଚୈର୍ମନ୍ ଖର୍ସେଲ, ନୀଳମଣି କଟା, ଡମ୍ବରୁ ଖର୍ସେଲ ପ୍ରମୁଖ ସହଯୋଗ କରିଥିଲେ।

## ଚାଷୀ ଧାନ ଆଣିପାରୁଛି ନା ମିଲର୍ସ ଉଠାଇ ପାରୁଛି

**କୋକସରା, ୫।୧(ସମିସ):** ଗୁରୁବାର କଳାହାଣ୍ଡିରେ ବିଜେପିର ୧୨ ଘଣ୍ଟିଆ ବନ୍ଦ ଥିଲା। ଏପଟେ ଡ୍ରାଇଭରଙ୍କ ଷ୍ଟିୟରିଂଛାଡ଼ ଆନ୍ଦୋଳନ। ରାଜ୍ୟ ସରକାର ସୁବ୍ୟବସ୍ଥିତ ଭାବରେ ମଣ୍ଡିରେ ଧାନ କିଣିବାର ବ୍ୟବସ୍ଥା କରିଥିବାବେଳେ କେନ୍ଦ୍ର ସରକାରଙ୍କ ହିଟ୍ ଆଣ୍ଡ ରନ୍ ଆଇନ୍ ବିରୋଧରେ ଡ୍ରାଇଭର ସଂଘ ଗର୍ଜିବା ସହ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଡକରା ଦେଇଛି। ସମସ୍ତ ଡ୍ରାଇଭର ସଂଘର ଏହି ଆନ୍ଦୋଳନକୁ ସମର୍ଥନ କରିଥିବା ଯୋଗୁଁ ମଣ୍ଡିକୁ ଟ୍ରାକ୍ଟର, ଟ୍ରକ୍, ଟିପର, ପିକ୍‌ଅପ, ୪୦୭ ଭ୍ୟାନ ଆଦି ଆସି ପାରୁନାହିଁ। ଫଳସ୍ୱରୂପ ଚାଷୀ ନା ମଣ୍ଡିକୁ ଧାନ ଆଣି ପାରୁଛି ନା ମିଲର୍ସ ମଣ୍ଡିରୁ ଧାନ ଉଠାଇ ପାରୁଛନ୍ତି। କୋକସରା ବ୍ଲକର ମୋଟେର, ଡହଗାଁ, ଖୁଣ୍ଟିଆ, ଡାଲଗୁମା, ଫୁପଗାଁ, କାଶିବାହାଲ, କନ୍ଧାବୁଟୁରା, ତୁନଗାଁ, କୋକସରା, ଲଡୁଗାଁ, ଗମ୍ଭାରୀଗୁଡା, କାଉଡୋଲା, ଆମପାଣି, ବଡ଼ପୋଡ଼ାଗୁଡ଼ା, ଟେମରା, ଡେଙ୍ଗାଗୁଡା, ଡୁଡୁକାଠେଙ୍ଗା ଓ ଗୋତମୁଣ୍ଡାରେ ମଣ୍ଡି ଥିବାବେଳେ



ସମସ୍ତ ଧାନ ମଣ୍ଡି ଦୁଇ ଦିନ ଧରି ବନ୍ଦ୍ ଡ଼କରା ଯୋଗୁଁ ବିଶେଷ ଭାବରେ ପ୍ରଭାବିତ ହୋଇଛି। ଚାଷୀ ମାନେ ଧାନ ବିକ୍ରି କରି ନପାରି ଚିନ୍ତାରେ ଅଛନ୍ତି। ଏହି ଦୁଇ ଦିନ ଧାନ ଉଠି ପାରି ନଥିବା ଯୋଗୁଁ ଆଗକୁ ମିଲର୍ସଙ୍କ ଧାନ କିଣାରେ ବିଶେଷ ଅସୁବିଧା ଦେଖାଦେବ ବୋଲି କୁହାଯାଉଛି। ଚାଷୀ ଯେପରି ହଇରାଣ ହରକତ୍ ନ ହୁଅନ୍ତି ସେଥିପ୍ରତି ସଜାଗ ରହିବାର ଆବଶ୍ୟକତା ରହିଛି ବୋଲି କୋକସରା ଅଞ୍ଚଳ ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

## ବିଭିନ୍ନ ଗ୍ରାମପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ



**କେସିଙ୍ଗା, ୫।୧(ସମିସ):** କେସିଙ୍ଗା ବ୍ଲକ ଅନ୍ତର୍ଗତ ପଥର୍ଲା ଗ୍ରାମପଞ୍ଚାୟତ ଅଫିସ ପଡ଼ିଆରେ ଶୁକ୍ରବାର କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୪ ସରପଞ୍ଚ ଗୀତାଞ୍ଜଳି ଖର୍ସେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କେସିଙ୍ଗା ଜୋନ୍-୨ ଜିଲ୍ଲା ପରିଷଦ ସଭ୍ୟ ନରତ୍ତୋମ ଭାଟି ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ସୁଦାମ ପ୍ରଧାନ, ପଥର୍ଲା ଗୌନ୍ତିଆ ହେମା ମାଝୀ, ନାଏକ ସରପଞ୍ଚ ବିଶ୍ୱମ୍ଭର ଦୁର୍ଗା, ମୁଖ୍ୟବକ୍ତା ଭାବେ ସମିତିସଭ୍ୟ ରୋମାଞ୍ଚଳ ରଣା ଓ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ପଦ୍ମିନୀ ଭୋଇ, ଯୁବ ସମାଜସେବୀ ମହିପାଲ ପୋଡ଼ ଓ ବିରଞ୍ଚିନାରାୟଣ ଖର୍ସେଲ ଯୋଗଦାନ କରିଥିଲେ। ସେହିପରି ଗୋକୁଲେଶ୍ୱର୍ ଗ୍ରାମପଞ୍ଚାୟତରେ ମୁଖ୍ୟଅତିଥି ଭାବେ ବିଜେଡି ନେତ୍ରୀ ଲଳିତା ନାଏକ ଓ ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ସରପଞ୍ଚ କେଶୁଲାଲ ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ଉକ୍ରେଲା ଗ୍ରାମପଞ୍ଚାୟତରେ ମଧ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ସରପଞ୍ଚ ନରେନ୍ଦ୍ର ମାଝୀ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପଥର୍ଲା କଳାହାଣ୍ଡି ଉତ୍ସବ ମଞ୍ଚରେ ସମାଜସେବା କ୍ଷେତ୍ରରେ ଅବଦାନ ପାଇଁ ଯୁବ ସମାଜସେବୀ ଶ୍ରୀ ପୋଡ଼ଙ୍କୁ ସମ୍ମାନିତ କରାଯାଇଥିଲା।

## ମ.ରାମପୁର ଗ୍ରାମପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ

**ମ.ରାମପୁର, ୫।୧(ସମିସ):** କଳାହାଣ୍ଡି ଉତ୍ସବ ଘୁମୁରାର ମ.ରାମପୁର ଗ୍ରାମପଞ୍ଚାୟତସ୍ତରୀୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମ.ରାମପୁର ସରପଞ୍ଚ ବୀଣାପାଣି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ସକାଳୁ ଡୋକରି ମନ୍ଦିରରୁ ଏକ ବିଶାଳ ମଶାଲ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଉତ୍ସବସ୍ଥଳୀ ବିଜୁ କଲ୍ୟାଣ ମଣ୍ଡପକୁ ଆସିଥିଲା। ମଶାଲ ଶୋଭାଯାତ୍ରାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓଙ୍କ ସମେତ ବିଭିନ୍ନ ବ୍ୟକ୍ତିବିଶେଷ ସାମିଲ ହୋଇଥିଲେ। ପରେ ବିଭିନ୍ନ ବିଦ୍ୟାଳୟ ଓ ସର୍ବସାଧାରଣସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଭାରେ ଶ୍ରୀମତୀ



ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ମନ୍ଦାକିନୀ ସିଂହଦେଓ, ଏଇଇ ବଲବିନ୍ଦର୍ ସିଂ ଯାଦବ, ଏପିଓ ଅଭିଳାଷା ସିଂହଦେଓ, ନାଏବ ସରପଞ୍ଚ ପ୍ରଶାନ୍ତ ମହାରଣା, ସମାଜସେବୀ ପ୍ରକାଶ ସାହୁ, ଭବାନୀ ଶଙ୍କର ସାହୁ ଉପସ୍ଥିତ ଥିଲେ। ହେମନ୍ତ ସାହୁ ସଭା କାର୍ଯ୍ୟ ଓ ଅରୁଣ ହାତୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମିତିସଭ୍ୟା ପ୍ରତିମା ମାଝୀ,ସଂଯୁକ୍ତା ପୁରୋହିତ, ଆଲୋକ ବେହେରା, ଅନୀଲ ଦାଶଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ,ସଭ୍ୟା ସହଯୋଗ କରିଥିଲେ।

## କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ପରିଷଦ ବୈଠକ

**ଜୁନାଗଡ଼, ୫।୧(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରରେ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ରାଜ୍ୟ ପାରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଦଳ ପକ୍ଷରୁ ଏକ ବିଶାଳ ରାଲି ସହର ପରିକ୍ରମା କରି ବଙ୍ଗଳା ଛକରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପାର୍ଟି ପକ୍ଷରୁ ଦାଦନ, ବେକାରୀ, ଦରଦାମ ବୃଦ୍ଧି, କୃଷିଋଣ ଛାଡ଼, ହାତୀନଦୀ ଆଡିବନ୍ଧ, ନାରୀ ନିର୍ଯାତନା, ଚିନିକଳର ପୁନଃଉଦ୍ଧାର, ଧାନର କଟନୀ, କପାମଣ୍ଡି, ଶୀତଳଭଣ୍ଡାର, କୃଷକମାନଙ୍କ ପାଇଁ ବିହନ, ସାର, ଔଷଧ, ବିଦ୍ୟୁତ ଯୋଗାଣ, ଜଳକର ଆଦି ବିଷୟରେ ଆଲୋଚନା କରାଯାଇ ସମସ୍ୟାର ସମାଧାନ ପାଇଁ ଦାବି କରାଯାଇଥିଲା। ସିପିଆଇର ବରିଷ୍ଠ ନେତା ଅଭୟ ସାହୁ, ଅଜୟ ଦାସ, ଦାମୋଦର ବେହେରା, ଅକ୍ଷ ମେହେର, ନାରିନେତ୍ରୀ ରାଣୀମତି ଦୁର୍ଗାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ଆଜିଠୁ ଜୁନାଗଡ଼ ବ୍ଲକ୍ ଓ ଏନଏସିସ୍ତରୀୟ କଳାହାଣ୍ଡି ଉତ୍ସବ

**ଜୁନାଗଡ଼, ୫।୧(ସମିସ):** ଜୁନାଗଡ଼ର ହାଇସ୍କୁଲ ଖେଳ ପଡିଆସ୍ଥିତ ମାଁ ଲଙ୍କେଶ୍ୱରୀ ମଞ୍ଚରେ ଜୁନାଗଡ଼ ବ୍ଲକ ଓ ଏନଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଅନୁଷ୍ଠିତ ହେବ। କଳାହାଣ୍ଡି ଉତ୍ସବ ପାଇଁ ମାଁ ଲଙ୍କେଶ୍ୱରୀ ମଞ୍ଚ ମଧ୍ୟ ପ୍ରସ୍ତୁତ ଅପେକ୍ଷାରେ ଥିବା ବେଳେ ପଡିଆ ଚାରିପଟେ ଷ୍ଟଲ ମଧ୍ୟ କରାଯାଇଛି। ଉତ୍ସବ କମିଟି ପକ୍ଷରୁ ପ୍ରଥମେ ମାଁ ଲଙ୍କେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରାଯିବ। ଏହି ଉତ୍ସବ ୩ ଦିନ ଧରି ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ଓଡିଶୀ ନୃତ୍ୟ, ବିରବାଦ୍ୟ ଘୁମୁରା, ବଜାଶାଳ ତଥା ଅନେକ ଲୋକ ବାଦ୍ୟ, ଲୋକ ନୃତ୍ୟରେ ଝୁମିବେ ଜୁନାଗଡ଼ବାସୀ। କଳାହାଣ୍ଡି ଉତ୍ସବ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଆଇନ୍ ଶୃଙ୍ଖଳା ପାଇଁ ୨ ପ୍ଲାଟୁନ ଫୋର୍ସ, ଚାରି ସବଇନ୍ସପେକ୍ଟରର ଓ ୧୨ ଏଏସଆଇ ମୁତୟନ ରହିବେ। ଶେଷ ରାତିରେ ସର୍ବେଶ୍ୱର ଭୋଇ ଓ ସାଥୀଙ୍କ ଦ୍ୱାରା ସଂଗୀତ କାର୍ଯ୍ୟକ୍ରମ ଥିବା ପ୍ରକାଶ।

## ସ୍କୁଲ ଅନୁଦାନର ଅନିୟମିତତା; ତଦନ୍ତ ଦାବିକଲେ ଗ୍ରାମବାସୀ

**କେସିଙ୍ଗା, ୫।୧(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ କୁଣ୍ଡାବନ୍ଧ୍ ପଞ୍ଚାୟତ ଗୁର୍ଜିମଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୦୨୨-୨୩ରେ ବିଦ୍ୟାଳୟର ଉନ୍ନତିକରଣ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଆସିଥିବା ସରକାରୀ ଅନୁଦାନ ୫୦୦୦୦ ଟଙ୍କା ବିନିଯୋଗ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀ ଏହାର ତଦନ୍ତ ଦାବିକରି ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଅବଗତ କରିଛନ୍ତି। ସେହି ସମୟର ସ୍କୁଲର ପ୍ରଧାନଶିକ୍ଷକ ପଇସା ସମ୍ପୂର୍ଣ୍ଣ ଖର୍ଚ୍ଚ କରିନାହାନ୍ତି ଓ ମିଥ୍ୟା ବିଲ ଭାଉଚର୍ କରି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଫିସରେ ଦାଖଲ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟିର ଜଣେ ସଦସ୍ୟଙ୍କୁ ନେଇ ଗ୍ରାମବାସୀ ଆପତ୍ତି ଉଠାଇ ତାଙ୍କୁ ଯଥାଶୀଘ୍ର ଅବ୍ୟାହତି କରାଯାଉ ବୋଲି ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କେସିଙ୍ଗା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ମତାମତ ମିଳିପାରି ନାହିଁ।

## ଚାଞ୍ଚେର ମହୋତ୍ସବ ମହାଆଡ଼ମ୍ବରରେ ପାଳିତ

**କେସିଙ୍ଗା, ୫।୧(ସମିସ):** କେସିଙ୍ଗା ବ୍ଲକ ଗ୍ରାମପଞ୍ଚାୟତସ୍ତରୀୟ ଚାଞ୍ଚେର ମହୋତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ମେଳା ଅବସରରେ ସମସ୍ତ ଗ୍ରାମକୁ ବିରାଟ ମଶାଳ ଶୋଭାଯାତ୍ରା କରାଯାଇ ବିରକୁଲ ଡଙ୍ଗର ମଞ୍ଚକୁ ଅଣାଯାଇ ଅତିଥିଙ୍କ



ଦ୍ୱାରା ମଞ୍ଚ ଉଦଘାଟନ କରାଯାଇଥିଲା। ଦ୍ୱିପହରରେ ମଞ୍ଚରେ କେସିଙ୍ଗା ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ର, ସ୍ୱଚ୍ଛ ଭାରତ ଅଭିଯାନ ଜିଲ୍ଲା ସଂଯୋଜକ ଲୋକନାଥ ଦୁର୍ଗା, ସୁଧୀର ଜୈନ, ଉକ୍ରେଲା ଫାଣ୍ଡି ଅଧିକାରୀ ପ୍ରେମରାଜ କଅଁର ପ୍ରମୁଖ ଅତିଥି ଯୋଗ ଦେଇଥିଲେ। ସାନ୍ଧ୍ୟ ଅଧିବେଶନରେ ମୁଖ୍ୟଅତିଥି ଲଳିତା ନାଏକ, ମୁଖ୍ୟବକ୍ତା କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ସମ୍ମାନିତ ଅତିଥି ଚାଞ୍ଚେର ସରପଞ୍ଚ ଅଞ୍ଜୁ କୁମାର, ନିମନ୍ତ୍ରିତ ଅତିଥି ସୁନିତା ଶବର ଯୋଗଦାନ କରିଥିଲେ। ଅତିଥିଙ୍କ ଦ୍ୱାରା ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ, ଶିକ୍ଷକ, ସାମ୍ବାଦିକ, ସୈନିକ, ସରପଞ୍ଚଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ମାଁ ମହାଲକ୍ଷ୍ମୀ ସାଂସ୍କୃତିକ ଅନୁଷ୍ଠାନର ସଭାପତି ମିତ୍ରସେନ ସାହୁ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଶୀତକାଳୀନ ଶିବିର

**ଭବାନୀପାଟଣା, ୫।୧(ସମିସ):** ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ନିକଟସ୍ଥ ଦୁଇ ପୋଷ୍ୟ ଗ୍ରାମ ଗଣନାଥପୁର ଓ ଗୁଡିଆଲିପଦରରେ ଜାତୀୟ ସେବା ଯୋଜନା ଅଧିକାରୀ ଡ. ପ୍ରିୟରଂଜନ ବେହେରା




ପୁରୁଷ ବିଭାଗ, ମିସ୍ ରୋଜ ମେରି ରଶ୍ମିତା ଏକ୍କା ମହିଳା ବିଭାଗ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଶୀତକାଳୀନ ଶିବିର ଆରମ୍ଭ ହୋଇଯାଇଛି। ଏହି ଶିବିରଗୁଡ଼ିକ ୫୦ ଜଣ ଲେଖାଏଁ ସ୍ୱେଚ୍ଛାସେବୀଙ୍କୁ ନେଇ ମୋଟ ୧୦୦ ଜଣ ସ୍ୱେଚ୍ଛାସେବୀଙ୍କୁ ମିଶାଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ମୁଖ୍ୟଅତିଥି ଭାବେ କୁଳପତି କର୍ଣ୍ଣେଲ ପ୍ରଫେସର ସଂଜୟକୁମାର ଶତପଥୀ ଉଦ୍‌ଘାଟନ କରିବା ସହ ଛାତ୍ରଛାତ୍ରୀଙ୍କୁ ନିଜେ ଅର୍ଜନ କରିଥିବା ଜ୍ଞାନଧନକୁ ସମାଜ ଉପରେ କିପରି କାର୍ଯ୍ୟକାରୀ କରାଯାଇପାରିବ ସେନେଇ ମାର୍ଗଦର୍ଶନ କରିଥିଲେ। ସମ୍ମାନିତ ଅତିଥିରୂପେ ଏନ୍ ଏସ୍ ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଡ. ଚିତ୍ତରଂଜନ ଖୁଣ୍ଟିଆ, ଗଣନାଥପୁର ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ନେଗୀ ଓ ଗଣନାଥପୁର ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ଲୋକନାଥ ମହାକୁଡ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଦୁଇ ଶିବିରରେ ସ୍ୱେଚ୍ଛାସେବୀ ଦୀପକ ବେହେରା, ପ୍ରତୁଷ ବାଣୁଆ, ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ, ଲୋପାମୁଦ୍ରା ମିଶ୍ର ଓ ଅଭିଷେକ ମହାପାତ୍ର ପ୍ରମୁଖ ଅଗ୍ରଣୀ ଭୂମିକା ଲିଭାଇଥିଲେ।

## ମୁଣ୍ଡରାଗୁଡ଼ାରେ ଦିବ୍ୟାଙ୍ଗଙ୍କୁ ଶୀତବସ୍ତ୍ର ବଣ୍ଟନ

**ଭବାନୀପାଟଣା,୫।୧ (ସମିସ):** ଶ୍ରୀ ଶ୍ୟାମଜୀ ପରିବାର ଜୁନାଗଡ ଓ ପ୍ରଫେସର ଭୁବନେଶ୍ୱର ବେହେରା ସ୍ମାରକୀ ୟୁଥ୍ ଅରଗାନାଇଜେସନ ପକ୍ଷରୁ ମୁଣ୍ଡରାଗୁଡାରେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ସମାଜସେବୀ ରାଜୁ ଅଗ୍ରୱାଲଙ୍କ ସଭାପତ୍ୱରେ ଆୟୋଜିତ ସମାବେଶକୁ ମୁଖ୍ୟଅତିଥି ଭାବେ ଦାସିଗାଁ ସରପଞ୍ଚ




ପ୍ରମୋଦିନୀ ପ୍ରହରାଜ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ତୁଷାର ରଞ୍ଜନ ସାହୁ, କୁଳଦୀପ ଗୁପ୍ତା, ଅମିତ ଅଗ୍ରୱାଲ, ସୁବାସ ଅଗ୍ରୱାଲ, କବିତା ଅଗ୍ରୱାଲ, ଆଶିଷ ଗୋଏଲ ପ୍ରମୁଖ ଯୋଗଦାନ କରିଥିଲେ। ଦାସିଗାଁ, ଚିଲକପୁର, ଚୋର ଖୁସିଗୁଡା, ବନ୍ଧନା ପଲା, ମୁସ୍କରାଗୁଡା, ଚିଲିଗୁଡା, ଖୁସିଗୁଡା, ରାଜପୁର, ବୋର୍ଲି, ଚାରଭାଟି ଓ ଝାରବନ୍ଧ ଗ୍ରାମରୁ ୨୦୦ରୁ ଊର୍ଦ୍ଧ୍ୱ ଦିବ୍ୟଙ୍ଗ ବ୍ୟକ୍ତି ମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ମୁରଲୀଧର ସାହୁ ଅତିଥି ପରିଚୟ ପ୍ରଦାନ କରିବାବେଳେ ସଂଗଠନ ସଂପାଦକ ଅବିନାଶ ମୁଣ୍ଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉମାଦେବୀ ସ୍ୱୟଂ ସହାୟତା ଗୋଷ୍ଠୀ ସଭାନେତ୍ରୀ ପଦ୍ମାବତୀ ପଟେଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଂଜୟ ସୁନାନୀ ଧନ୍ୟବାଦ ଜ୍ଞାପନ କରିଥିଲେ। ଜ୍ୟୋତିମୟୀ ମୁଣ୍ଡ, ପ୍ରଜ୍ଞା ପରିମିତା ମୁଣ୍ଡ, ମଦନ ପଟେଲ, ନେପାଲ, ଭୁବନ ପ୍ରହରାଜ, ସତ୍ୟଭାମା ଅଗ୍ରୱାଲ, ରୀନା ଗୋଏଲ ସହଯୋଗ କରିଥିଲେ।

## ଜନଜାତି ଯୁବବିନିମୟ କାର୍ଯ୍ୟକ୍ରମ

# ସପ୍ତମ ପର୍ଯ୍ୟାୟରେ ସୁରଟ୍ ଗଲେ ୨୦ ଯୁବକ ଯୁବତୀ

**ଭବାନୀପାଟଣା, ୫।୧ (ସମିସ)**

ଭବାନୀପାଟଣାରେ ଥିବା କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହରୁ ଯୁବକେନ୍ଦ୍ର ଓ କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟର କଳାହାଣ୍ଡିରେ ଥିବା ୭୪ ବାଟାଲିୟନ୍ ସିଆରପିଏଫ୍ ର ମିଳିତ ସହଯୋଗରେ ୨୦ ଜଣ ଯୁବକ ଯୁବତୀ ଜାନୁୟାରୀରେ ଗୁଜୁରାଟ ରାଜ୍ୟର ସୁରଟକୁ ଯାତ୍ରା କରିଛନ୍ତି। ଜାନୁଆରୀ ୧୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜନଜାତି ଯୁବ ବିନିମୟ କାର୍ଯ୍ୟକ୍ରମରେ ସେମାନେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମରେ ଓଡିଶା ତଥା ଅନ୍ୟାନ୍ୟ ରାଜ୍ୟର ବିଭିନ୍ନ ଜିଲ୍ଲାର ଜନଜାତି



ଯୁବକ ଯୁବତୀ ଅଂଶ ଗ୍ରହଣ କରିବେ। ସେମାନେ ଏହି ଶିବିରରେ ନିଜ ନିଜ ଜିଲ୍ଲାର କଳା, ସଂସ୍କୃତି, ଐତିହ୍ୟ ପରମ୍ପରା ସମ୍ପର୍କରେ ଅନ୍ୟାନ୍ୟ ରାଜ୍ୟ ଯୁବକ ଯୁବତୀଙ୍କ ସହ ଭାବବିନିମୟ କରିବେ। ଦର୍ଶନୀୟ ସ୍ଥାନ ସମ୍ପର୍କରେ ନିଜ ଅନୁଭୂତି ବାଣ୍ଟିବେ। ସ୍ଥାନୀୟ ସିଆରପିଏଫ୍ ୭୪ ବାଟାଲିୟନ କାର୍ଯ୍ୟାଳୟରେ ଯୁବ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେବା ନିମନ୍ତେ ସୁରଟ୍ ଯାତ୍ରା କରୁଥିବା ଯୁବକଯୁବତୀ ମାନଙ୍କୁ ସିଆରପିଏଫ ଓ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ବିଭିନ୍ନ ସୂଚନା ଦିଆଯାଇଥିଲା। ସେକେଣ୍ଡ କମାଣ୍ଡର ପିକେ ମିଶ୍ର, ଉପକମାଣ୍ଡାଣ୍ଟ ସଚ୍ଚିଦାନନ୍ଦ ପାତ୍ର ଓ କଳାହାଣ୍ଡି ନେହରୁ ଯୁବକେନ୍ଦ୍ରର ଯୁବ ଅଧିକାରୀ ପ୍ରସନ୍ନ ମେହେର ଉପସ୍ଥିତ ଥିଲେ। ସିଆରପିଏଫ ପକ୍ଷରୁ ମହିଳା ଏସ୍ ଆଇ ପ୍ରମୋଦିନୀ ରାଉତରାୟ ଓ ହେଡ୍ କନେଷ୍ଟବଳ ଉତ୍ତମ ଶର୍ମା ମଧ ସୁରଟ ଯାତ୍ରା କରିଛନ୍ତି। ଏହି ୧୫ତମ ଜନଜାତି ଯୁବ ବିନିମୟ କାର୍ଯ୍ୟକ୍ରମରେ ସପ୍ତମ ପର୍ଯ୍ୟାୟରେ ଏମାନେ ସୁରଟ ଯାଉଛନ୍ତି। କଳାହାଣ୍ଡି ଜିଲ୍ଲାରୁ ୧୦ଟି ପର୍ଯ୍ୟାୟରେ ୨୦୦ ଜଣ ଜନଜାତି ଯୁବକ ଯୁବତୀ ଏଭଳି ବିଭିନ୍ନ ରାଜ୍ୟରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବେ। ଏପର୍ଯ୍ୟନ୍ତ ଜିଲ୍ଲାରୁ ୧୪୦ ଜଣ ୭ଟି ପର୍ଯ୍ୟାୟରେ ଯାଇସାରିଥିବା ବେଳେ ଆଗାମୀ ଦିନରେ ଆଉ ୬୦ ଜଣ ଯୁବକ ଯୁବତୀ ତିନୋଟି ପର୍ଯ୍ୟାୟରେ ଯିବେ ବୋଲି ଜଣାପଡିଛି।

## ହାଇୱା ଦୁର୍ଘଟଣାରେ ବାପ-ପୁଅ ମୃତ୍ୟୁ ଘଟଣା

# ଜେଲ୍‌ଗଲା ଅଭିଯୁକ୍ତ ଡ୍ରାଇଭର

**ସୋନପୁର, ୫ା୧(ସମିସ):** ସୋନପୁର ବ୍ଲକ୍ ଛକ ଦୁର୍ଘଟଣାରେ ବାପ ପୁଅ ମୃତ୍ୟୁ ଘଟଣା ପରେ ଫେରାର ହୋଇଥିବା ହାଇୱା



ଗାଡ଼ିର ଡ୍ରାଇଭର ଜେଲ ଯାଇଛି। ବୀରମହାରାଜପୁର ବ୍ଲକ ସୁବଳୟା ଥାନା ଅନ୍ତର୍ଗତ ବୁଠୀ ପଦର ଗ୍ରାମର ନରେନ୍ଦ୍ର ରାଉତ (୨୮)କୁ ସୋନପୁର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଜାମିନ ନାମଞ୍ଜୁର ହେବାରୁ ନରେନ୍ଦ୍ରକୁ ସୋନପୁର ଜେଲକୁ ପଠାଇ ଦିଆଯାଇଛି। ଗତ ୨ ତାରିଖ ସନ୍ଧ୍ୟାରେ ସୋନପୁର ବ୍ଲକ ଛକଠାରେ ଏକ ସ୍କୁଟିକୁ ଗୋଟିଏ ହାଇୱା ଧକ୍କା ଦେବାରୁ ବାପ-ପୁଅଙ୍କ ମୃତ୍ୟୁ ହୋଇଥିଲା।

# ଜଙ୍ଗଲରେ ପଡ଼ି ବୃଦ୍ଧ ଗୁରୁତର

**ଥୁଆମୂଳ ରାମପୁର, ୫ା୧(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ପୋଇଗୁଡା ଗ୍ରାମର ଗୋବର୍ଦ୍ଧନ ମାଝୀ ଗ୍ରାମ ନିକଟ ଏକ ଜଙ୍ଗଲରେ କରିଥିବା ପୋଡୁ ଚାଷକୁ ବନ୍ୟଜନ୍ତୁଙ୍କ ଠାରୁ ରକ୍ଷା କରିବାକୁ ଜଗି ରହୁଥିଲେ। ଶୁକ୍ରବାର ସକାଳ ୧୦ଟା ସମୟରେ କୌଣସି ଏକ ହିଂସ୍ର ଜଙ୍ଗଲି ଜନ୍ତୁର ଶବ୍ଦ ଶୁଣି ନିଜକୁ ସୁରକ୍ଷା ଦେବା ପାଇଁ ଦୌଡ଼ି ପଳାଉଥିବା ବେଳେ ପଥରରେ ଗୋଡ଼ ଖସିଯାଇ ପଡିଯିବା ଫଳରେ ପଡିଯାଇଥିଲେ। ତାଙ୍କର ମୁଣ୍ଡରେ ଗଭୀର ଆଘାତ ହେବା ଫଳରେ ଅତ୍ୟଧିକ ରକ୍ତସ୍ରାବ ହେବା ଦେଖି ଗୁରୁତର ଅବସ୍ଥାରେ ତାଙ୍କୁ ତୁରନ୍ତ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଯୋଗୁଁ ତାଙ୍କର ମୁଣ୍ଡରେ ଅସ୍ତ୍ରୋପଚାର କରାଯାଇଥିବା ସୂଚନା ମିଳିଛି। ସୁସ୍ଥ ହେବା ପର୍ଯ୍ୟନ୍ତ ତାଙ୍କୁ ଦିନେ ଛାଡି ଦିନେ ଡାକ୍ତରଖାନା ଆସି ଚିକିତ୍ସିତ ହେବା ପାଇଁ ଡାକ୍ତର ଶିବାଶିଷ ସ୍ୱାଇଁ ପରାମର୍ଶ ଦେଇଥିବା ସୂଚନା ଦେଇଛନ୍ତି।

# ୧୬ ଦଫା ଦାବିନେଇ ନୂଆପଡ଼ା ବନ୍ଦ

**ନୂଆପଡ଼ା, ୫ା୧(ସମିସ):** ଚାଷୀଙ୍କ ବିଭିନ୍ନ ସମସ୍ୟା ସହ ୧୬ ଦଫା ଦାବିନେଇ ଜିଲ୍ଲା ବିଜେପି ଓ ଜିଲ୍ଲା କୃଷକ ମୋର୍ଚ୍ଚା ପକ୍ଷରୁ ନୂଆପଡ଼ା ଜିଲ୍ଲା ବନ୍ଦ ପାଳନ କରାଯାଇଛି। ଘାସିରାମ ଛକରେ ୩୫୩ ନଂ ଜାତୀୟ ରାଜପଥକୁ ବନ୍ଦ କରିଥିବାରୁ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ରହିଥିଲା। ସେହିପରି ଜିଲ୍ଲାବ୍ୟାପୀ ଏହି ବନ୍ଦକୁ ନେଇ ମିଶ୍ରିତ ପ୍ରତିକ୍ରିୟା ହସ୍ତଗତ ହୋଇଛି। ଦଳୀୟ କର୍ମକର୍ତ୍ତା ସବୁଠି ପିକେଟିଂ କରି ବନ୍ଦ କରାଇଥିବା ବେଳେ ସ୍ୱାଭାବିକ ଚଳାଚଳ, ସରକାରୀ କାର୍ଯ୍ୟ, ବ୍ୟବସାୟ, ଶିକ୍ଷା ବ୍ୟବସ୍ଥା ଆଦି ବାଧାପ୍ରାପ୍ତ ରହିଥିବା ସୂଚନା ମିଳିଛି।

# କଳାହାଣ୍ଡି ଛାତ୍ର ସଂଘର କର୍ମକର୍ତ୍ତା ଚୟନ

**ଭବାନୀପାଟଣା, ୫ା୧ (ସମିସ):** ଧର୍ମଗଡ ପଞ୍ଚାୟତ କଲେଜଠାରେ କଳାହାଣ୍ଡି ଛାତ୍ରସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଛି। ଉମାକାନ୍ତ ନିଆଲ ସଭାପତିତ୍ୱରେ ବିଭିନ୍ନ କଲେଜରୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସର୍ବସମ୍ମତିକ୍ରମେ ଛାତ୍ର ସଂଘର ସଭାପତି ଭାବେ ଉମାକାନ୍ତ ନିଆଲକୁ ମନୋନୀତ କରାଯାଇଛି। ସମ୍ପାଦକ ପ୍ରବୀଣ କୁମାର ବଣିଆ ଓ ଉପସଭାପତି ଭାବେ ଚୂଡ଼ାମଣି ମାଝୀ , ସହସମ୍ପାଦକ ପଦରେ ଉମେଶ ପଟେଲ, ବବିଶ ବାରିକ, ମନୋଜ ନାଏକ, ଦୀନେଶ ବାଗ, ରିକେଶ ସାହୁ, ଭୁଜବଳ ସାହୁ, ବିନୋଦ ନାଏକ, ଚନ୍ଦନ ମେହେର ଆଦି ଛାତ୍ରଙ୍କୁ ମନୋନୀତ କରାଯାଇଛି। କଳାହାଣ୍ଡି ଛାତ୍ର ସଂଘ ଜିଲ୍ଲାର ବିକାଶ, ପରିବେଶ ସୁରକ୍ଷା, ମୌଳିକ ସମସ୍ୟା ଆଦି ସମସ୍ୟାରେ ଲଢେଇ କରିବ ବୋଲି ଆଲୋଚନା ହୋଇଛି। ଆଗାମୀ ଦିନରେ ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ସବୁ ସମସ୍ୟାର ସମାଧାନ କରିବା ପାଇଁ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ହୋଇଛି।

# ଥୁଆମୂଳ ରାମପୁରରେ ହେବ ଯୁକ୍ତତିନି କଳା ମହାବିଦ୍ୟାଳୟ

**ଥୁଆମୂଳ ରାମପୁର, ୫ା୧(ସମିସ):** ଥୁଆମୂଳ ରାମପୁରରେ ଖୋଲିବ ସରକାରୀ ଯୁକ୍ତ ତିନି (କଳା ବିଭାଗ) ଡିଗ୍ରୀ ମହାବିଦ୍ୟାଳୟ। ଏଥିପାଇଁ ବିଜ୍ଞାପନ ମଧ୍ୟ ଜାରୀ ହୋଇସାରିଛି। ଯାହା ଆଗାମୀ ୨୦୨୪-୨୫ ଶିକ୍ଷା ବର୍ଷରୁ ଏଠାରେ ଶିକ୍ଷାଦାନ ଆରମ୍ଭ ହେବାର ସୂଚନା ଦିଆଯାଇଛି। ସରକାରୀ ଯୁକ୍ତ ତିନି ଡିଗ୍ରୀ ମହାବିଦ୍ୟାଳୟ ଖଣ୍ଡିକ ପ୍ରତିଷ୍ଠା ପାଇଁ ବ୍ଲକବାସୀ ଦୀର୍ଘଦିନରୁ ଦାବି ଜଣାଇ ଆସୁଥିଲେ। ଯାହାକୁ ନେଇ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ ମଧ୍ୟ ଏନେଇ ସରକାରଙ୍କୁ ଜଣାଇଥିଲେ। ଗତ ମଇ ମାସରେ ୫-ଟି ସଚିବ ଭାବେ କାର୍ତ୍ତିକ ପାଣ୍ଡିଆନ୍ ଥୁଆମୂଳ ରାମପୁର ଗସ୍ତରେ ଆସିଥିବା ବେଳେ ଥୁଆମୂଳ ରାମପୁରରେ ଏକ ସରକାରୀ ଯୁକ୍ତ ତିନି ଡିଗ୍ରୀ ମହାବିଦ୍ୟାଳୟ ସ୍ଥାପନା ପାଇଁ ଦାବି ରଖିଥିଲେ। ଅଞ୍ଚଳବାସୀଙ୍କ ଏହି ଦାବିକୁ ସବୁଜ ସଙ୍କେତ ମିଳିଥିବାରୁ ପରବର୍ତ୍ତୀ ସମୟରେ 'ନବୀନ ଓଡିଶା'ର ଏକ ବିଶେଷ କାର୍ଯ୍ୟକ୍ରମରେ ଶ୍ରୀ ପାଣ୍ଡିଆନ୍ ଏହାକୁ ଘୋଷଣା କରିଥିଲେ। ଶେଷରେ ସରକାରଙ୍କ ଏହି ବିଜ୍ଞପ୍ତିକୁ ନେଇ ଥୁଆମୂଳ ରାମପୁର ବ୍ଲକବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଜଗୁଆଳିଙ୍କୁ ମାଡ଼ ଘଟଣା: ସେରଗଡ଼ ସରପଞ୍ଚଙ୍କ ନାଁରେ ମାମଲା

**ନର୍ଲା, ୫ା୧(ସମିସ):** ନର୍ଲା ବ୍ଲକ ସେରଗଡ଼ର ଯୁବ ସରପଞ୍ଚ ରାହୁଲ ସାହୁଙ୍କ ନାଁରେ ଏକ ମାମଲା ଥାନାରେ ରୁଜୁ ହୋଇଛି। ଡେଙ୍ଗସର୍ଗୀସ୍ଥିତ ପାମ୍ ବଗିଚାରେ ୩୧ ତାରିଖ ରବିବାର ଶେରଗଡ ସରପଞ୍ଚ ଓ ତାଙ୍କ ସମର୍ଥକ ବଣଭୋଜି କରୁଥିଲା ବେଳେ ସେଠାରେ ଜଗୁଆଳି ଭାବେ ନିଯୋଜିତ ଥିବା ବ୍ରଜ ରଣାଙ୍କୁ କୌଣସି କଥାକୁ ନେଇ ଆକ୍ରମଣ କରିଥିଲେ। ଏହାକୁ ନେଇ ଶ୍ରୀ ସାହୁ ବର୍ତ୍ତମାନ ବିବାଦରେ ରହିଛନ୍ତି। ଦୀର୍ଘ ୨୨ ବର୍ଷ ଧରି ବ୍ରଜ ରଣା ଏହି ବଗିଚାରେ ଜଗୁଆଳି ଭାବେ କାମ କରି ଆସୁଛନ୍ତି। ବ୍ରଜ ଏହି ଆକ୍ରମଣରେ ଗୁରୁତର ଭାବେ ଆଘାତପ୍ରାପ୍ତ ହୋଇଥିବା ବେଳେ ବିନା କାରଣରେ ତାଙ୍କ ବଡ଼ ଭାଇ ଦନାରଙ୍କୁ ମଧ୍ୟ ଶ୍ରୀ ସାହୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏନେଇ ନର୍ଲା ଥାନା ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିବା ଆଇଆଇସି ଗଙ୍ଗାଧର ମେହେର ପ୍ରକାଶ କରିଛନ୍ତି।

# ବୌଦ୍ଧ ମହୋତ୍ସବ-ପଲ୍ଲିଶ୍ରୀ ମେଳା ଓ ବୟନିକା ହସ୍ତତନ୍ତ ପ୍ରଦର୍ଶନୀ

**ବୌଦ୍ଧ, ୫ା୧(ସମିସ)**

ବୌଦ୍ଧ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ, ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ, ଓରମାସ୍ ଓ ବୟନିକାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ବୟନିକା ହସ୍ତତନ୍ତ ପ୍ରଦର୍ଶନୀର ଶୁକ୍ରବାର ଚତୁର୍ଥ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗ ଦେଇଥିଲେ। ଉପଜିଲ୍ଲାପାଳ ରବୀନ୍ଦ୍ରନାଥ କହଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ରୀତା ସାହୁ, ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପତ୍ର, ଜିଲ୍ଲା ସଂସ୍କୃତି



ଅଧିକାରୀ ଚନ୍ଦ୍ରକାନ୍ତ ବେହେରା ଯୋଗ ଦେଇଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଏଆରସିଏସ ହାଡିବନ୍ଧୁ ମହାକୁଡ଼। ପ୍ରଥମ ପର୍ଯ୍ୟାୟ ସାଂସ୍କୃତିକ କାର୍ଯ୍ୟକ୍ରମ ହରଭଙ୍ଗା ବ୍ଲକ ଆଡେଣିଗଡ ଜୟ ଜଗନ୍ନାଥ ମହିଳା କୀର୍ତ୍ତନ ମଣ୍ଡଳ, ସେଣ୍ଟ୍ ଜାଭିୟର୍ସ ପବ୍ଲିକ ସ୍କୁଲ ବୌଦ୍ଧ, ବୌଦ୍ଧ ବ୍ଲକ ଉଡାନ ଅନୁଷ୍ଠାନ, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ ମେଣ୍ଢିମାଳର ଛାତ୍ରଛାତ୍ରୀ ପରିବେଷଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ବୌଦ୍ଧ ଗେହ୍ଲାମା କଳା ନିକେତନ, ସମ୍ବଲପୁର ଶଙ୍କର ବେହେରା ଓ ଗ୍ରୁପ, ଗନ୍ଧରାଡି କଳା ପରିଷଦ ଚାରିଶମ୍ଭୁ, ସୋନପୁର ନୁର ବେଗମ, ବଲାଙ୍ଗୀର କୃଷ୍ଣପ୍ରିୟା କଳା ପରିଷଦର ଘୁଡକା, କୋରାପୁଟର ପ୍ରେରଣା ଡ୍ୟାନ୍ସ ଏକାଡେମୀ, ଢୋଲ ନିଶାଣ କଳା ପରିଷଦ ବୌଦ୍ଧ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନକୁ ଛୁଇଁଥିଲା। ଚତୁର୍ଥ ସନ୍ଧ୍ୟାର ବୟନିକା ହସ୍ତତନ୍ତ ପ୍ରଦର୍ଶନୀ ଷ୍ଟଲଗୁଡିକରେ ଭିଡ଼ ପରିଲକ୍ଷିତ ହୋଇଥିଲା।

# ଷ୍ଟେସନ ନାମ ପରିବର୍ତ୍ତନ ପାଇଁ ରେଳମନ୍ତ୍ରୀଙ୍କୁ ସ୍ମାରକପତ୍ର

**ସୋନପୁର, ୫ା୧(ସମିସ):** ସରକାରୀ ଗେଜେଟ ନୋଟିଫିକେସନରେ ସୋନପୁର ଜିଲ୍ଲା ତଥା ସୋନପୁର ସହରର ନାମ ପରିବର୍ତ୍ତନ ହୋଇ ସୁବର୍ଣ୍ଣପୁର ହୋଇଛି। ପୁଣି ସୋନପୁର ନାମରେ ବିହାର ରାଜ୍ୟରେ ଆଉ ଏକ ଷ୍ଟେସନ ଥିବାରୁ ସୋନପୁର ନାମ ପରିବର୍ତ୍ତନ କରି ଏଠାକାର ରେଳ ଷ୍ଟେସନର ନାମ ସୁବର୍ଣ୍ଣପୁର ରଖାଯିବା ପାଇଁ ଜନସାଧାରଣରେ ଦୃଢ ଦାବି ହେଉଛି। ଏତଦ୍ୱାରା ସ୍ୱର୍ଗତ ବିଜୁ ବାବୁଙ୍କ ସ୍ୱପ୍ନ ସାକାର ହେବ ବୋଲି ମତ ପ୍ରକାଶ ପାଇଛି। ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଗୋରେଖନାଥ ସାହୁଙ୍କ ନେତୃତ୍ୱରେ ଗୋବିନ୍ଦ ମହାରଣା,ଦିଲ୍ଲୀପ ରଥ, କଇରୁ ସ୍ୱାଇଁ, ଆର୍ତ୍ତତ୍ରାଣ ବାବୁ, ଜ୍ୟୋତି ପଟ୍ଟନାୟକ ପ୍ରମୁଖ ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟଙ୍କୁ ଭେଟି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ରେଳବୋର୍ଡ ଅଧ୍ୟକ୍ଷ ତଥା ପୂର୍ବତଟ ରେଳ ମହାପ୍ରବନ୍ଧକଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।



# ବିନିକା ଆହାର କେନ୍ଦ୍ରର ରୋଷେଇଶାଳ ଉଦ୍‌ଘାଟିତ

**ବିନିକା, ୫ା୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ସହର ଆହାର କେନ୍ଦ୍ରର ରୋଷେଇ ଗୃହ ଆଜି ଉଦଘାଟନ ହୋଇଯାଇଛି। ପ୍ରାୟ ୨୨ ଲକ୍ଷ ଟଙ୍କାରେ ନିର୍ମିତ ହୋଇଥିବା ଏହି ରୋଷେଇ ଗୃହରେ ଏଣିକି ପ୍ରତେକ ଦିନ ନିୟମିତ ଭାବରେ ରୋଷେଇ କରାଯିବ ବୋଲି ଏନଏସି ପ୍ରଶାସନ ସୂଚନା ଦେଇଛି। ମୁଖ୍ୟଅତିଥି ଭାବେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲପାଳ ଅଞ୍ଜଳିନା ପଧାନ ଯୋଗ ଦେଇଥିଲେ। ଏଥିରେ ଏନଏସି ଅଧ୍ୟକ୍ଷ ସୁବାସଚନ୍ଦ୍ର ଭୁଏ, କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟନାରାୟଣ ପଧାନଙ୍କ ସମେତ ଏନଏସି ଉପାଧ୍ୟକ୍ଷା, ସମସ୍ତ କାଉନସିଲର ଓ କର୍ମଚାରୀ ଉପସ୍ଥିତ ଥିଲେ।



# ଭୁଲ୍ ଇଞ୍ଜେକ୍ସନ ଯୋଗୁଁ ଯୁବକଙ୍କ ମୃତ୍ୟୁ ଅଭିଯୋଗ

**ବଲାଙ୍ଗିର, ୫ା୧(ସମିସ):** ବଲାଙ୍ଗିର ଜିଲ୍ଲା ଆଗଲପୁର ଥାନା ଅର୍ନ୍ତଗତ ବାବୁଫାସଡ ଗ୍ରାମରେ ଭୁଲ ଚିକିତ୍ସାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। କ୍ୱାକ୍ ଜଣଙ୍କ ଭୁଲ ଇଂଜେକ୍ସନ ଦେବାରୁ ଯୁବକଙ୍କ ଜୀବନ ଚାଲିଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତ ଯୁବକ ଜଣକ ହେଲେ ବାବୁ ଫାଓଡ ଗ୍ରାମର କୈଳାଶ ବଗର୍ତ୍ତି (୩୫)। ତାଙ୍କର ବଡଭାଇଙ୍କ କହିବା ଅନୁସାରେ ଗତ ଗୁରୁବାର ସକାଳେ କୈଳାଶଙ୍କ ଛାତି ଯନ୍ତ୍ରଣା ହେଉଥିବା ତାଙ୍କୁ ଫୋନ କରି କହିଥିଲେ। ସ୍ଥାନୀୟ ଅଞ୍ଚଳରେ କ୍ୱାକ ଭାବରେ କାମ କରୁଥିବା ଉଦିତ ବିଶ୍ୱାସଙ୍କ ପାଖକୁ କୈଳାସ ଚିକିତ୍ସା ପାଇଁ ଯାଇ ୨ ଟି ଇଂଜେକ୍ସନ ଓ ଗୋଟିଏ ସିରପ ନେଇଥିଲେ। ଇଂଜେକ୍ସନ ନେଇ ଘରକୁ ଫେରିବା ପରେ ସେ ଆହୁରି ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ଶବ ବ୍ୟବଚ୍ଛେଦ କରାଯିବା ପରେ ତାଙ୍କର ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ତେବେ ସେହି କ୍ୱାକ୍‌ଙ୍କ ଭୁଲ ଚିକିତ୍ସା ଯୋଗୁଁ କୈଳାଶଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

# ସିଲଦାରେ ନୂତନ ଭୋଟର ତାଲିକା ପ୍ରକାଶନ

**ନୂଆପଡ଼ା, ୫ା୧(ସମିସ):** ସିଲଦା ଗ୍ରାମରେ ନୂତନ ଭୋଟର ତାଲିକା ପ୍ରକାଶନ କରାଯାଇଛି। ଗ୍ରାମର ନୂତନ ଭୋଟର ଓ କିଛି ଯୁବ ଭୋଟରମାନଙ୍କ ଉପସ୍ଥିତିରେ ବୁଥ୍ ସ୍ତରୀୟ ଅଧିକାରୀ ପ୍ରଦୀପ୍ତ କୁମାର ରଥଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଏହି ଅବସରରେ ନୂତନ ଭୋଟରମାନଙ୍କୁ ମତଦାନର ମହତ୍ୱ, ପ୍ରକ୍ରିୟା, ଇଲେକ୍ଟ୍ରୋନିକ ଭୋଟିଂ ମେସିନ୍ ବିଷୟରେ ଧାରଣା ଦିଆଯାଇଥିଲା।



# ସିନ୍ଧେକେଲାରେ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ଶୁଭାରମ୍ଭ

**ବଲାଙ୍ଗିର, ୫ା୧(ସମିସ):** ରାଜ୍ୟ ସରକାର ଗର୍ଭବତୀ ମହିଳା ଓ କିଶୋରୀ ଝିଅଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବାକୁ ଅନେକ ଯୋଜନା କରୁଛନ୍ତି। ଯାହାଦ୍ୱାରା ଗର୍ଭବତୀ ମହିଳା ଓ କିଶୋରୀ ଝିଅଙ୍କ ଠାରୁ ଅପପୁଷ୍ଟି ଦୂର ହେବ। ସେଥିପାଇଁ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନା ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ସିନ୍ଧେକେଲା ମାଁ ଫୁଲ ମାଉଳ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ବଙ୍ଗୋମୁଣ୍ଡା ସିଡିପିଓ ମାଧୁରୀ ହୋତା ଓ ଖାଦ୍ୟ ଇନ୍‌ଚାର୍ଜ ଯଶୋଦା ମହାନନ୍ଦ ଶୁଭାରମ୍ଭ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ଗର୍ଭବତୀ ପ୍ରସୂତି ମହିଳାଙ୍କୁ ବତୁରା। ଚଣା, ଭୁଜା, ରାଶିଲଡୁ, ଖଜୁରୀ ଦିଆଯିବା ବେଳେ ୧୮ ବର୍ଷରୁ ୧୯ ବର୍ଷ କିଶୋରୀ ଝିଅମାନଙ୍କୁ ବତୁରା ଚଣା, ଭୁଜା ଓ ଅଣ୍ଡା ଦିଆଯିବ। ଯାହା ଫଳରେ ଗର୍ଭବତୀ ଓ କିଶୋରୀ ଝିଅ ସୁସ୍ଥ ରହିବେ। ବର୍ତ୍ତମାନ ଏହି ଯୋଜନାରେ ବଙ୍ଗୋମୁଣ୍ଡା ବ୍ଲକର ୧୯୮ଟି ଅଙ୍ଗନୱାଡି କେନ୍ଦ୍ରର ୧୮୦୨ ଜଣ ଗର୍ଭବତୀ ମହିଳା ଓ ୧୭୪୧ ଜଣ କିଶୋରୀ ଝିଅ ଉପକୃତ ହେବେ। ଏହି ଶୁଭାରମ୍ଭ ସମୟ ସ୍ୱୟଂ ସହାୟିକା ଗୋଷ୍ଠୀ ସଭାନେତ୍ରୀ ସତ୍ୟଶ୍ରୀ ବାଗ, ସମ୍ପାଦିକା ଜୟନ୍ତି ଅଦାଙ୍କ ସହ ମାଁ ଫୁଲ ମାଉଳ ସ୍ୱୟଂ ସହାୟିକା ଗୋଷ୍ଠୀର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏଠାରେ ପ୍ରକାଶ ଥାଉକି ଏହି ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନେ ସବୁ ବେଳେ ଉନ୍ନତମାନର ଖାଦ୍ୟ ପ୍ରସ୍ତୁତ କରିଥାନ୍ତି। ସେମାନଙ୍କ ଛତୁଆ ଓ ଲଡୁ ମଧ୍ୟ ଭଲ ଲାଗୁଥିବା ଗର୍ଭବତୀ ମହିଳାମାନେ କୁହନ୍ତି।

## ■ ଦାଦନ ଶ୍ରମିକ ଗଜାନନଙ୍କ ମୃତ୍ୟୁ ଘଟଣା

# ପରିବାରକୁ ଏକ ଲକ୍ଷ ଟଙ୍କା ଦେଇ ମୁହଁ ବନ୍ଦ କରିଦେଲା ସର୍ଦ୍ଦାର

**ବଲାଙ୍ଗିର, ୫ା୧(ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ଆମପାଳି ଗାଁର ଦାଦନ ଶ୍ରମିକ ଗଜାନନ ଷାଣ୍ଡଙ୍କ ମୃତ୍ୟୁ ଘଟଣାକୁ ଚାପିଦେବାକୁ ଭରପୁର ପ୍ରୟାସ କରୁଛି ଦାଦନ ଦଲାଲ। ଆଜି ପରିବାର ଲୋକଙ୍କୁ ନିଜ ଘରକୁ ଡାକି ଏକ ଲକ୍ଷ ଟଙ୍କା ଦେଇ କଥାକୁ ଆଉ ଆଗକୁ ନ ବଢ଼ାଇବାକୁ ପରିବାର ଲୋକଙ୍କ ଉପରେ ଚାପ ପକାଇଥିବା ଦେଖିବାକୁ ମିଳିଛି। ଏମିତି କି ଥାନାରେ ଅଭିଯୋଗ କି କାହା ଆଗରେ କିଛି ନ କହିବାକୁ ମଧ୍ୟ ଧମକଚମକ ଦେଇଥିବା ଅଭିଯୋଗ ହେଉଛି। ତେବେ ଏନେଇ ସ୍ଥାନୀୟ ପ୍ରଶାସନ ସବୁକିଛି ଜାଣିଥିବା ସତ୍ତ୍ୱେ ନିଦାବିଷ୍ଟ ସାଜିଛି ଶ୍ରମ ବିଭାଗ ଓ ପୁଲିସ ପ୍ରଶାସନ। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖିବାକୁ ମିଳୁଛି। ଏପରିକି ସମ୍ପୃକ୍ତ ସର୍ଦ୍ଦାର ଜଣକ କଥାକୁ ଚାପିବାକୁ ଅଧିକାରୀମାନଙ୍କୁ ମଧ୍ୟ ମୋଟା ଅଙ୍କର ଟଙ୍କା ଦେଇଥିବା ଚର୍ଚ୍ଚା ଜୋର ଧରିଛି। ଅନ୍ୟପଟେ ପାଟଣାଗଡ଼ ଶ୍ରମ ଅଧିକାରୀ ସମ୍ପୃକ୍ତ ସର୍ଦ୍ଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବଦଳରେ କେବଳ ତାଙ୍କୁ କାରଣଦର୍ଶାଅ ନୋଟିସ କରି ଚୁପ

**ନୋଟିସ୍ କରି ଚୁପ ରହିଛି ଶ୍ରମ ବିଭାଗ, ନିଦାବିଷ୍ଟ ପୁଲିସ**

ରହିଛନ୍ତି। ହେଲେ ଦାନା ପାଇଁ ଦାଦନ ଯାଇ ମୃତ୍ୟୁବରଣ କରିଥିବା ଗଜାନନ କେବେ ନ୍ୟାୟ ପାଇବେ ବୋଲି ଦାବି ହେଉଛି। ଅନ୍ୟପଟେ ଗଜାନନ ପରିବାର ପ୍ରତିପୋଷଣ କରୁଥିଲେ ମଧ୍ୟ ତାଙ୍କ ମୃତ୍ୟୁ ପରେ ପରିବାର ଲୋକ ଭାଙ୍ଗି ପଡ଼ିଛନ୍ତି। କିଛି ଟଙ୍କା ଦେଇ ନିଜେ ସିନା ମୁକୁଳିଯିବ ସର୍ଦ୍ଦାର କିନ୍ତୁ ବର୍ଷ ବର୍ଷ ଧରି ପରିବାର କିଏ ପ୍ରତିପୋଷଣ କରିବା ନେଇ ଚିନ୍ତାରେ ପତ୍ନୀ ଅଛନ୍ତି। ପ୍ରାପ୍ତ ସୂଚନା ମତେ ବେଲପଡ଼ା ସହରର ଦାଦନ ଦଲାଲ ପ୍ରଦୀପ ତାଣ୍ଡିଙ୍କଠାରୁ ବଇନା ନେଇ ଗଜାନନ ମାସକ ତଳେ ନିଜ ସ୍ତ୍ରୀ ଜାମା ଏବଂ ଦୁଇ ପିଲାଙ୍କୁ ଧରି ରାଜ୍ୟ ବାହାର ବିଜୟନଗରମ ଅଞ୍ଚଳକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ତାଙ୍କ ଦେହ ଅସୁସ୍ଥ ହେବାରୁ ସର୍ଦ୍ଦାର ଜଣକ ଗଜାନନଙ୍କୁ ଚିକିତ୍ସା କରିବା ବଦଳରେ ନିର୍ଯାତନା ଦେଇଥିଲା। ଫଳରେ ସେ ସମ୍ପୂର୍ଣ୍ଣ ଅସୁସ୍ଥ ହୋଇ ପଡ଼ିବାରୁ ପରିବାର ଲୋକଙ୍କ ପ୍ରତିବାଦ ପରେ ପତ୍ନୀ ଓ ପିଲାଛୁଆଙ୍କୁ ବନ୍ଧକ ରଖି ଗଜାନନଙ୍କୁ ଅନ୍ୟ ଜଣେ ଦଲାଲ ସହ ଗାଁକୁ ପଠାଇ ଦେଇଥିଲା। ଆସିବା ବାଟରେ ଗଜାନନଙ୍କ ମୃତ୍ୟୁ ଘଟିଥିଲା।

# ଦୁଇ ବାଇକ ମୁହାଁମୁହିଁ, ୪ ଆହତ

**ତୁରେକେଲା, ୫ା୧ (ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଥାନା ହିଆଁଲ ଗାଁ ବୁଲାଣିରେ ଏକ ସଡ଼କ ଦୁର୍ଘଟଣା ଘଟିବାରୁ ୪ଜଣ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନାକୁ ପଠାଇଥିଲେ। ସୂଚନାଯୋଗ୍ୟ ଯେ ହୀଆଲ ଗ୍ରାମର ଚିନ୍ତାମଣି ସଗରିଆ, ପୁଷ୍ପାଞ୍ଜଳି ସଗରିଆ, ବସୁମତୀ ସଗରିଆ ଗୋଟିଏ ବାଇକରେ କଣ୍ଟାବାଞ୍ଜିରୁ ଘରକୁ ଫେରୁଥିଲେ। ସେହି ସମୟରେ ଦାବ୍ରୀ ଗାଁର ନୃପରାଜ୍ ଗହିର ତାଙ୍କ ଗାଁକୁ ଫେରୁଥିବା ସମୟରେ ପରସ୍ପର ମୁହାଁମୁହି ହେବାରୁ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି।

# କବି ସୁନୀଲ ସାହୁଙ୍କୁ ଖ୍ରୀଷ୍ଟମାସ ସାହିତ୍ୟ ସମ୍ମାନ

**କଣ୍ଟାବାଞ୍ଜି, ୫ା୧ (ସମିସ):** ବଲାଙ୍ଗିର ଜିଲ୍ଲାର କବି ସୁନୀଲକୁମାର ସାହୁ ତାଙ୍କ କବିତାର ଉଜ୍ଜ୍ୱଳତା ଏବଂ ଉତ୍କର୍ଷତା ଅନୁଯାୟୀ ମୋଟିଭେସନାଲ୍



ଷ୍ଟ୍ରିଙ୍ଗ୍ସ, ବିଶ୍ୱର ସକ୍ରିୟ ଲେଖକ ଫୋରମ୍ ଠାରୁ ଖ୍ରୀଷ୍ଟମାସ ସାହିତ୍ୟ ସମ୍ମାନ-୨୦୨୩ ପାଇଛନ୍ତି। ସେ ବିଶ୍ୱର ୧୦୦ ଜଣ କବିଙ୍କ ମଧ୍ୟରେ ସମ୍ମାନିତ ହୋଇଛନ୍ତି। ଶ୍ରୀ ସାହୁ ଜଣେ ସରକାରୀ କର୍ମଚାରୀ ଭାବେ ବ୍ଲକ ଶିକ୍ଷାଜିଲ୍ଲା ତୁରେକେଲାଠାରେ ବି. ଆର.ପି ଭାବେ କାର୍ଯ୍ୟରତ। ଭେଟେରାନ ସିଜୁ ଏଚ୍ ପଲ୍ଲିଥାଜେଥ, ମୋଟିଭେସନାଲ୍ ଷ୍ଟ୍ରିଙ୍ଗ୍ସର ପ୍ରତିଷ୍ଠାତା ଏବଂ ମ୍ୟାଡାମ୍ ମେରି ଲିନ୍ ଲୁଇଜ୍ ଆଞ୍ଚଳିକ ନିର୍ଦ୍ଦେଶକ ଅଟନ୍ତି।

# ମା' ମାହେଶ୍ୱରୀ କ୍ରିକେଟ୍: ସୋନପୁର ସେମିରେ

**ସୁବଳୟା, ୫ା୧ (ସମିସ):** ବୀରମହାରାଜପୁର ବ୍ଲକ କମିରା ପଞ୍ଚାୟତ ଅନ୍ତର୍ଗତ ବିକଳପୁରଠାରେ ହେଉଥିବା ସପ୍ତଦଶ ମା' ମାହେଶ୍ୱରୀ କ୍ରିକେଟ ପ୍ରତିଯୋଗିତାରେ ଏସଡିସିଏ ସୋନପୁର ଏବଂ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୋନପୁର ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଧାରିତ ୧୨ ଓଭରରେ ୮ ୱାଇକେଟ ହରାଇ ୧୧୧ ରନ କରିଥିଲା। ଦଳର ଉମାଶଙ୍କର ହୋତା ୨୨ ବଲରୁ ୩୦ ରନ ଓ ଅବିଳାସ ନାଏକ ୯ ବଲରୁ ୨୨ ରନ କରିଥିଲେ। ବିପକ୍ଷ ସମ୍ବଲପୁର ଦଳର ଅବିନେଶ ନନ୍ଦ, ନୀତିଶ ସିଂହ ଓ ପ୍ରଶାନ୍ତ ଦାସ ପ୍ରମୁଖ ୨ଟି ଲେଖାଏ ୱିକେଟ ନେଇଥିଲେ। ଜବାବରେ ସମ୍ବଲପୁର ଦଳ ୧୧ ଓଭରରେ ୬୨ ରନ କରି ସମସ୍ତ ୱିକେଟ ହରାଇ ପରାସ୍ତ ହୋଇଥିଲା। ଦ୍ୱିତୀୟ ଫର୍ମାଟରେ ସୋନପୁର ଦଳ ନିର୍ଦ୍ଧାରିତ ୮ ଓଭରରେ ୪ ୱିକେଟ ହରାଇ ୯୨ ରନ କରିଥିଲା। ଦଳର କେ. ୟି. କ୍ରିଷ୍ଣା ୧୫ ବଲରୁ ୩୫ ରନ ଓ ଗୌରବ ରାଉତ ୧୮ ରନ କରିଥିଲେ। ବିପକ୍ଷ ଦଳର ବାଦଲ ନିଶାନ ଓ ଦିନା ଦାସ



ପ୍ରମୁଖ ୨ ଟି ଲେଖାଏଁ ୱିକେଟ ନେଇଥିଲେ। ସମ୍ବଲପୁର ଦଳ ୮ ଓଭରରେ ଅଲଆଉଟ ହୋଇ ୭୭ ରନ କରି ପରାସ୍ତ ହୋଇଥିଲା। ଉଭୟ ଫର୍ମାଟରେ ସୋନପୁର ଦଳ ବିଜେତା ହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ଚନ୍ଦ୍ରଶେଖର ପଧାନ ସ୍କରିଙ୍ଗ କରିଥିବାବେଳେ ଶ୍ରୀନିବାସ ପଧାନ ଓ ରାମପ୍ରସାଦ କର୍ଣ୍ଣ ଧାରା ବିବରଣୀ ପ୍ରଦାନ କରିଥିଲେ।

## କେନ୍ଦ୍ର ସରକାରଙ୍କ ହିଟ୍ ଆଣ୍ଡ ରନ୍ ଆଇନକୁ ବିରୋଧ

# ଷ୍ଟିୟରିଂ ଛାଡିଲେ ଡ୍ରାଇଭର

**ବଲାଙ୍ଗିର, ୫ା୧(ସମିସ) :** ହିଟ ଆଣ୍ଡ ରନ ଘଟଣାରେ ସମ୍ପୃକ୍ତ ଥିବା ଡ୍ରାଇଭରଙ୍କୁ ୧୦ ବର୍ଷ ଜେଲ କିମ୍ବା ୭ ଲକ୍ଷ ଟଙ୍କା ଜରିମାନା ଦେବାକୁ ହେବ। ଗତ କିଛିଦିନ ତଳେ ଏଭଳି ଏକ ଆଇନ ଆଣିବାକୁ ଘୋଷଣା କରିଛନ୍ତି କେନ୍ଦ୍ର ସରକାର। ଯାହାକୁ ନେଇ ସାରା ରାଜ୍ୟରେ ଡ୍ରାଇଭର ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ଆଇନକୁ ବିରୋଧ କରି ଓଡ଼ିଶାରେ ଷ୍ଟିୟରିଂ ଛାଡ ଆନ୍ଦୋଳନ କରାଯାଇଥିବାବେଳେ ବଲାଙ୍ଗିରରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଷ୍ଟିୟରିଂ ଛାଡ ଆନ୍ଦୋଳନ ଡାକରାରେ ବଲାଙ୍ଗିର ଡ୍ରାଇଭର ସଂଘ ସାମିଲ ହୋଇ ଗାଡି ଚାଳନା ବନ୍ଦ କରିଛନ୍ତି। ଘରୋଇ ବସ, ମାଲବାହୀ ଭାରିଯାନ, ଟ୍ରକ ଏଭଳି ଗାଡି ସବୁ ଶୁକ୍ରବାର ବଲାଙ୍ଗିରରେ ଚଳାଚଳ କରିନଥିଲା। ଷ୍ଟିୟରିଂ ଛାଡି ଡ୍ରାଇଭରମାନେ ଆନ୍ଦୋଳନ କରିଥିଲେ। ଫଳରେ ବଲାଙ୍ଗିରର ବସ ଟର୍ମିନାଲରୁ ମଧ୍ୟ ବସ ଗଡ଼ିନଥିଲା। ଡ୍ରାଇଭରମାନଙ୍କ କହିବା ଅନୁସାରେ ଦୁର୍ଘଟଣା ହଠାତ ଘଟିଥାଏ। କେତେକ ସ୍ଥାନରେ ଉତ୍ୟକ୍ତ ଲୋକଙ୍କ ଆକ୍ରମଣରେ ଡ୍ରାଇଭରଙ୍କ ଜୀବନହାନୀ ହୁଏ। ତେବେ ହିଟ ଆଣ୍ଡ ରନ ଘଟଣାରେ ସରକାର ଯେଉଁ ଆଇନ ବାହାର କରିଛନ୍ତି ତାହା ଡ୍ରାଇଭରଙ୍କ ପକ୍ଷେ ଅନ୍ୟାୟ ହେବ। ତେଣୁକରି କେନ୍ଦ୍ର ସରକାର ତୁରନ୍ତ ଏହି ଆଇନକୁ ପ୍ରତ୍ୟାହାର କରନ୍ତୁ ବୋଲି ସେମାନେ ଦାବି କରିଛନ୍ତି।

# ୩୨ତମ ସର୍ବଭାରତୀୟ ୱାଇଏମସି କପ୍ କ୍ରିକେଟ

**ନୂଆପଡା, ୫ା୧(ସମିସ)**

ନୂଆପଡା ଜିଲ୍ଲା ସଦର ମହକୁମାସ୍ଥିତ ମିନି ଷ୍ଟାଡିଅମଠାରେ ଚାଲିଥିବା ୩୨ତମ ସର୍ବଭାରତୀୟ ୱାଇଏମସି କପ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ଦିନର ଖେଳ ଅନୁଷ୍ଠିତ ହୋଇଯାଇଛି। ଆବାହକ ତଥା ଜିଲ୍ଲା କ୍ରିକେଟ ସଙ୍ଘର ସାଧାରଣ ସମ୍ପାଦକ ଭୈରବ ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ନୂଆପଡା ବିଡ଼ିଓ ବିପିନ ବିହାରୀ ଦୀପ, ସମ୍ମାନିତ ଅତିଥି ଭାବେ ନୂଆପଡା ବିଇଓ ହେମସାଗର ମହାନନ୍ଦ, ନୂଆପଡା ଷ୍ଟେଟବ୍ୟାଙ୍କର ମ୍ୟାନେଜର ଦେବାଶିଷ ଯୋଶୀ ଯୋଗ ଦେଇଥିଲେ। ମ୍ୟାଚରେ ପ୍ରଥମେ ଟସ ଜିଣି ଇଷ୍ଟ କୋଷ୍ଟ ରେଲୱେ ଖୋର୍ଦ୍ଧା ବ୍ୟାଟିଙ୍ଗ କରି ୨୨୪ ରନ କରି ୨୨୫ ରନର ଟାର୍ଗେଟ ଦେଇଥିଲେ। ଜବାବରେ ସେର ସା ବିଳାସପୁର ଦଳ ୨୨୦ ରନ କରି ଅଲଆଉଟ ହୋଇଯାଇଥିଲେ। ଶନିବାର ପ୍ରଥମ ସେମିଫାଇନାଲ ଅଭା ଟାଇଗର ସମ୍ବଲପୁର ସହ ଖେଳାଯିବ। ପରିଚାଳନା କରିଥିଲେ ଚୂଡ଼ାମଣି ପାଢ଼ୀ ଓ ବିଷମ୍ବର ମହାକୁଡ଼। ସେହିପରି ପୁନିତ ଓ ଜୟ କିଶନ ମ୍ୟାଚରେ ଧାରାବିବରଣୀ ପ୍ରଦାନ କରୁଥିବା ବେଳେ ଶୈଳେଶ ଶତପଥୀ ଓ ଆୟୁଷ୍ମାନ ଗୁପ୍ତା ସ୍କୋରର ଦାଇତ୍ୱ ତୁଲାଇଥିଲେ। ମିନି ଷ୍ଟାଡିଅମରେ ଶହ ଶହ ସଂଖ୍ୟାରେ ଭିଡ଼ ଦେଖିବାକୁ ମିଳିଥିଲା। ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ ଯୁବନେତା ତଥା




ଆଇନଜୀବୀ କ୍ଷୀତେଶ ବୋଧଙ୍କର। ୱାଇଏମସି ସଭାପତି ଅମରେଶ ଦାସ, ୱାଇଏମସି ସମ୍ପାଦକ ତପନ ବଗର୍ତି, ଉପସଭାପତି ରଂଜିତ ସୁନା, ସଞ୍ଜୟ ପଟ୍ଟନାୟକ, ରାଜେନ୍ଦ୍ର ବଢ଼େଇ, ସନ୍ତୋଷ ସୁପକାର, ବାବି ମହଲା, ପିଣ୍ଟୁ ଭୋଇ, ଶ୍ରୀରାମ ମିଶ୍ର, ଜିତୁ ହୋତା, ଟିପୁ ଖାନ, ଜନି ହରପାଲ, ମୁକେଶ ସହିସ, ବାଲେଶ୍ୱର ମାଝୀ, ପ୍ରତିକ ପଟ୍ଟନାୟକ ପ୍ରମୁଖ ସହଯୋଗ କରୁଛନ୍ତି।

## ବୌଦ୍ଧ ଜିଲ୍ଲାରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ




**ବୌଦ୍ଧ, ୫।୧(ସମିସ)**

ଆଗାମୀ ସାଧାରଣ ନିର୍ବାଚନ ପାଇଁ ବୌଦ୍ଧ ଜିଲ୍ଲାର କଣ୍ଟାମାଳ ଏବଂ ବୌଦ୍ଧ ନିର୍ବାଚନମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ ହୋଇଛି। ବୌଦ୍ଧ ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କ ଦ୍ୱାରା ଜିଲ୍ଲାର ସମସ୍ତ ରାଜନୈତିକ ଦଳର କର୍ମକର୍ତ୍ତା ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିରେ ଏହି ତାଲିକା ପ୍ରକାଶ କରାଯାଇଛି। ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ ପୂର୍ବରୁ ଭୋଟର ମାନଙ୍କ ସୁବିଧା ନିମନ୍ତେ ଭୋଟର ହେଲ୍ପଲାଇନ ଆପ୍ ପ୍ରଚଳିତ କରାଯାଇଥିଲା। ଜିଲ୍ଲାର ମହିଳା ଭୋଟର ସଂଖ୍ୟା ରାଜ୍ୟ ହାରାହାରିଠାରୁ କମ ଥିବାରୁ, ଭୋଟର ପଞ୍ଜୀକରଣ ଅଧିକାରୀ ସମସ୍ତ ରାଜନୈତିକ ଦଳର ବୁଥସ୍ତରୀୟ ପ୍ରତିନିଧିଙ୍କ ସହଯୋଗ ମାଗିଥିଲେ, ଯେଭଳି ସମସ୍ତ ମହିଳା ଭୋଟରଙ୍କୁ ଚଳିତ ଚୁଡାନ୍ତ ଭୋଟର ତାଲିକାରେ ପଞ୍ଜୀକୃତ କରାଯାଇପାରିବ।

ଜିଲ୍ଲାର ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ କଣ୍ଟାମାଳ ନିର୍ବାଚନମଣ୍ଡଳୀରେ ୮୧୯୧୦ ଜଣ ମହିଳା, ୮୫୯୨୭ ଜଣ ପୁରୁଷ ଏବଂ ତୃତୀୟ ଲିଙ୍ଗୀ ୧ ଜଣ ଏହିଭଳି ମୋଟ ୧୬୭୮୩୮ ଜଣ ଭୋଟର ଅଛନ୍ତି। ସେହିପରି ବୌଦ୍ଧ ନିର୍ବାଚନମଣ୍ଡଳୀରେ ୮୦୦୭୨ ଜଣ ମହିଳା, ୮୪୭୭୪ ଜଣ ପୁରୁଷ, ତୃତୀୟ ଲିଙ୍ଗୀ ୮ ଜଣ ଏହିପରି ମୋଟ ୧୬୪୮୫୪ ଭୋଟର ଅଛନ୍ତି। ଚୂଡ଼ାନ୍ତ ଭୋଟର ତାଲିକାରେ ଜିଲ୍ଲାରେ ସମୁଦାୟ ୩୩୨୬୯୨ ଭୋଟର ଥିବାବେଳେ ସମୁଦାୟ ଭୋଟର ମଧ୍ୟରୁ ୫୧.୩୧ ପ୍ରତିଶତ ପୁରୁଷ ଭୋଟର ଏବଂ ୪୮.୬୯ ପ୍ରତିଶତ ମହିଳା ଭୋଟର ଥିବା ଜଣାପଡିଛି। ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ କାର୍ଯ୍ୟକ୍ରମରେ ଭାରତୀୟ ଜନତା ପାର୍ଟି ତରଫରୁ ଜିଲ୍ଲା ସଭାପତି ବିପ୍ରଚରଣ ମହାନ୍ତି, ଭାରତୀୟ ଜାତୀୟ କଂଗ୍ରେସ ପାର୍ଟି ତରଫରୁ ଶାନ୍ତନୁ ମହାପାତ୍ର ଏବଂ ବିଜୁ ଜନତା ଦଳ ତରଫରୁ ସୀତାଂଶୁ ଶେଖର ମହାକୁଡ ଉପସ୍ଥିତ ଥିଲେ।

ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପତ୍ର, ଉପ ଜିଲ୍ଲାପାଳ ରବୀନ୍ଦ୍ରନାଥ କହଁର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂ ଉପସ୍ଥିତ ଥିଲେ।

### ଦପଲା ଅପହରଣକାରୀଙ୍କ ଆକ୍ରମଣ ଘଟଣା

## ପୂର୍ଣ୍ଣଚନ୍ଦ୍ରଙ୍କ ଚିକିତ୍ସାଧୀନ ମୃତ୍ୟୁ, ପରମେଶ୍ୱରଙ୍କ ମିଳୁନି ପତ୍ତା

**ମନମୁଣ୍ଡା, ୫।୧(ସମିସ)**

ମନମୁଣ୍ଡା ଥାନା ଦପଲା ଗ୍ରାମରେ ଅପହରଣକାରୀଙ୍କ ଆକ୍ରମଣରେ ଅପହର୍ତ୍ତାଙ୍କ ଶଶୁର ହତ୍ୟାର ଶିକାର ହୋଇଥିବା ଜଣାପଡ଼ିଛି। ଆକ୍ରମଣରେ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ଏକ ଆଖି ନଷ୍ଟ ହୋଇଯାଇଥିଲା। ତାଙ୍କ ମୁଣ୍ଡରେ ଗୁରୁତର କ୍ଷତାକ୍ତ ହୋଇଥିଲା। ତାଙ୍କୁ ପରେ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଯାଇଛି। ଦୁର୍ବୃତ୍ତଙ୍କ ଆକ୍ରମଣରେ ଗୁରୁତର ଆହତ ହୋଇ ମନମୁଣ୍ଡା ଥାନା ଏଏସଆଇ କୁମୁଦଚନ୍ଦ୍ର ଭୋଇ ଏବେ ବି ବରଗଡ଼ ବିକାଶ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଅନ୍ୟପଟେ, ପୂର୍ଣ୍ଣଚନ୍ଦ୍ରଙ୍କ ଭାଇ ମଦନ ମଧ ଏହି ଆକ୍ରମଣରେ ଆହତ ହୋଇଛନ୍ତି। ଏହି

**୩ ଜଣଙ୍କୁ ଅଟକ ରଖି ମନମୁଣ୍ଡା ପୁଲିସର ତନାଘନା**

ହତ୍ୟା ଘଟଣାରେ ସଂପୃକ୍ତ ଥିବା ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣକୁ ପୁଲିସ ଅଟକ ରଖି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ଅନ୍ୟ ଅଭିଯୁକ୍ତଙ୍କ ଅନୁସନ୍ଧାନକୁ ମନମୁଣ୍ଡା ପୁଲିସ ଜୋରଦାର କରିଥିବା ଜାଣିବାକୁ ମିଳିଛି। ଅଦ୍ୟାବଧି ଅପହୃତ ହୋଇଥିବା କଣ୍ଟାମାଳ


ଫାଇଲ୍‌ଫଟୋ

ଥାନା ଲମ୍ବସରି ପଞ୍ଚାୟତ ଖମାର ଗ୍ରାମର ପରମେଶ୍ୱର ମହାକୁଡଙ୍କ ସନ୍ଧାନ ଏଯାଏ ମିଳିପାରି ନାହିଁ। ଫଳରେ ଘଟଣାଟି ଏବେ ରହସ୍ୟ ଘେରରେ ରହିଛି। ପୁଲିସ ଏହାକୁ ପର୍ଦ୍ଦାଫାସ କରିବାକୁ ଉଦ୍ୟମ ଚଳାଇଛି। ପ୍ରକାଶଥାଉ କି ୧ ଲକ୍ଷ ଟଙ୍କା ମୁଣ୍ଡ ଜାମିନ୍ ଧମକ ଦେଇ ଦୁର୍ବୃତ୍ତମାନେ ପରମେଶ୍ୱରଙ୍କୁ ଅପହରଣ କରିଥିବା ଅଭିଯୋଗ ହୋଇଥିଲା।

ପରମେଶ୍ୱରଙ୍କ ଶଶୁର ପୂର୍ଣ୍ଣଚନ୍ଦ୍ର ପ୍ରଧାନ ନିଜ ସାନ ଭାଇ ମଦନ ପ୍ରଧାନଙ୍କ ସହ ଏକ ଲକ୍ଷ ଟଙ୍କା ଧରି ଦପଲା ହାଇସ୍କୁଲ ନିକଟକୁ ପହଞ୍ଚିଥିଲା ବେଳେ ଦୁର୍ବୃତ୍ତମାନେ ଆକ୍ରମଣ କରିବା ସହ ଟଙ୍କା ନେଇ ଫେରାର୍ ହୋଇଯାଇଥିଲେ। ଏହାସହ ପରମେଶ୍ୱରଙ୍କ ମଧ ଖୋଜଖବର ମିଳୁନାହିଁ।

## 'ନୂଆ-ଓ' ନବୀନ ଓଡ଼ିଶା ବ୍ଲକ୍‌ସ୍ତରୀୟ କ୍ରୀଡ଼ା ଉଦ୍‌ଯାପିତ



**ବିନିକା,୫।୧(ସମିସ):** ବିନିକା ବ୍ଲକ ମହଦା ପଞ୍ଚାୟତ ସିଆଲି ଖେଳପଡିଆ ଠାରେ ନୂଆଁ ଓଡିଶା ନବୀନ ଓଡିଶା ଆନୁକୂଲ୍ୟରେ ବ୍ଲକସ୍ତରୀୟ କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି। ବିନିକା ବ୍ଲକ ଅଧକ୍ଷା ଦୀପ୍ତିରେଖା ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଝାରୀ, ସମ୍ମାନିତ ଅତିଥିଭାବେ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ନନ୍ଦ ଯୋଗ ଦେଇଥିଲେ। କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ମଧ୍ୟରୁ ଫାଇନାଲରେ ଜେଡିସିସି ମହାଦେବପାଲି ଦଳ ବିନିକାକୁ ହରାଇ ଚାମ୍ପିଅନ ହୋଇଛି। ଏଥିରେ ପ୍ରାୟ ୧୯୧ଜଣ ଖେଳାଳି ପଞ୍ଜିକୃତ ହୋଇଥିଲେ। ଉଦଯାପନୀ ସଭାକୁ ବିନିକା ବିଡିଓ ପ୍ରମୋଦଚନ୍ଦ୍ର ମେହେର ସଂଯୋଜନା କରିଥିବାବେଳେ ମହଦା ସରପଞ୍ଚ ଭିମସେନ ସିଂହଦେଓ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲା ଶିକ୍ଷାଧିକାରୀଙ୍କ ଘଣ୍ଟାପଡ଼ା ହାଇସ୍କୁଲ ପରିଦର୍ଶନ

**ଶଗଡା, ୫।୧ (ସମିସ):** ଇଚ୍ଛାଶକ୍ତି ଆଗରେ ଯେ ଅସମ୍ଭବ ବି ସମ୍ଭବ ହୁଏ ତାର ଉଦାହରଣ ସହ ପାଠ ପଢାଇଲେ ବୌଦ୍ଧ ଜିଲ୍ଲା ଶିକ୍ଷାଧିକାରୀ ଗେନ୍ଦ୍ରା କୁଜୁର। ଅଚାନକ ପରିଦର୍ଶନରେ ଆସି ପହଞ୍ଚିଥିଲେ କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଘଣ୍ଟାପଡ଼ାସ୍ଥିତ ସମଲେଶ୍ୱରୀ ସରକାରୀ ହାଇସ୍କୁଲରେ। ପ୍ରଥମେ ସ୍କୁଲର ପରିବେଶ ଦେଖିଲେ, ତାପରେ ସିଧାସଳଖ ଦଶମ ଶ୍ରେଣୀଗୃହରେ ପ୍ରବେଶ କଲେ। ପରିଚୟ ଦେଲେ ଛାତ୍ରୀଛାତ୍ରଙ୍କ ସହ ମିଶିଲେ, ବର୍ତ୍ତମାନ ଚାଲିଥିବା ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ



ଟିପ୍ପଣୀ ଦେଲେ। ଦଶମ ଶ୍ରେଣୀରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେବାପାଇଁ ପରାମର୍ଶ ଦେଲେ। କମ୍ପ୍ୟୁଟର ଓ ଲାଇବ୍ରେରୀ ହଲ, ସାଇନ୍ସ ହଲ, ଟଏଲେଟ, ପିଇବା ପାଣି ବ୍ୟବସ୍ଥା, ବୁଟାନୀ ବଗିଚା, ଫୁଲ ବଗିଚା ଦେଖି ପ୍ରଧାନଶିକ୍ଷକ ପିତବାସ ପଣ୍ଡା ଓ ସମସ୍ତ ସହକାରୀ ଶିକ୍ଷକଙ୍କୁ ଖୁବ ପ୍ରଶଂସା କରିଥିଲେ। ସମସ୍ତ ଶିକ୍ଷକଙ୍କୁ ଉଚ୍ଚମାନର ଶିକ୍ଷାଦାନ ପାଇଁ ଉତ୍ସାହିତ କରିଥିଲେ।

## ମା' ବାଙ୍କଦେବୀ ଯାତ୍ରା ଉଦ୍‌ଯାପିତ

**ଚାରିଛକ, ୫।୧(ସମିସ):** ହରଭଙ୍ଗା ବ୍ଲକ ଅନ୍ତର୍ଗତ କୁମାରୀ ଗ୍ରାମରେ ତିନିଦିନ ଧରି ଚାଲିଥିବା ଆରାଧା ଦେବୀ ମା' ବାଙ୍କାଦେବୀଙ୍କ ପୂଜାଉତ୍ସବ ଶୁକ୍ରବାର ଉଦଯାପିତ ହୋଇଛି। ଏହି ଯାତ୍ରା ଉତ୍ସବର ପ୍ରଥମ ଦିନରେ ମନ୍ତ୍ରୀ ପ୍ରଦୀପ ଅମାତ ଯୋଗ ଦେଇଥିଲେ। ଦ୍ୱିତୀୟଦିନରେ ହଜାର ହଜାର ଶ୍ରଦ୍ଧାଳୁ ପାହାଡ଼ ଉହାଡ଼ରେ ଥିବା ମା' ବାଙ୍କଦେବୀଙ୍କ ପୀଠସ୍ଥଳୀରେ ସମାଗମ ହୋଇ ମୂଳପୂଜାରେ ପୂଜାର୍ଚ୍ଚନା କରିଥିଲେ। ତୃତୀୟ ଦିନରେ ମୁଖ୍ୟ ପୂଜକ ଦେହୁରୀ ସମ୍ପ୍ରଦାୟ ଲୋକ ଏକ ଶୋଭାଯାତ୍ରାରେ ପୀଠ ସ୍ଥଳରୁ ଗ୍ରାମର ମା ଗୁଡ଼ୀଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ମିନବଜାର, ଚଟପଟି ଖାଦ୍ୟ ସାଙ୍ଗକୁ ତିନିଦିନ ଧରି ଅପେରା 'ରଙ୍ଗମହଲ'ର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ତ୍ରିନାଥ ସାଂସ୍କୃତିକ ଯୁବ ପରିଷଦ, ଗ୍ରାମ୍ୟ



ପୂଜା କମିଟି ଏହି ଯାତ୍ରା ସୁପରିଚାଳନା କରିଥିଲେ। ୧୮୦୦ ଶତାବ୍ଦୀରୁ ପୂଜା ପାଇ ଆସୁଥିବା ବାଙ୍କଦେଇଙ୍କ କରୁଣା ପ୍ରତି ହରଭଙ୍ଗା ବ୍ଲକ କୁମାରୀ ଗ୍ରାମବାସୀଙ୍କ ବିଶ୍ୱାସ ରହିଛି। ଏହି ଯାତ୍ରା ଶାନ୍ତିଶୃଙ୍ଖଳା ସହ ସମାପନ ହୋଇଛି।

## ସଡ଼କ ସୁରକ୍ଷା ସଚେତନତା ରାଲି



**ଚାରିଛକ/ହରଭଙ୍ଗା,୫।୧(ସମିସ):** ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ପକ୍ଷରୁ ଶୁକ୍ରବାର ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ଏକ ସଚେତନ ରାଲି ଅନୁଷ୍ଠିତ ହୋଇଥିଲା। ପୁରୁଣାକଟକ ଥାନାଧିକାରୀ ରଞ୍ଜିତ ମୁନିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚେତନ ରାଲି ପୁରୁଣାକଟକ ଥାନାରୁ ବାହାରି ଚାରିଛକ ବଜାର ପରିକ୍ରମା କରିବା ସହ ବିଭିନ୍ନ ସଚେତନତା ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରିଥିଲେ। ସଡକ ସୁରକ୍ଷା ପ୍ରଶିକ୍ଷକ ମାନସ ରଞ୍ଜନ ଧଳ, ପରିବହନ ନିରୀକ୍ଷକ ଦେବାଶିଷ ନାୟକ, ଏଏସଆଇ ବ୍ରହ୍ମାନନ୍ଦ ପ୍ରଧାନ, ଅରୁନ୍ଧତୀ ସାହାଣୀ ସମେତ ସ୍ୱୟଂ ସହାୟକ ଦଳ ମହିଳା ରାଲିରେ ସାମିଲ ଥିଲେ।

## ବନ୍ଧାହେଲା ଦନ୍ତାହାତୀ



**ଶଗଡା/ବୌଦ୍ଧ, ୫।୧ (ସମିସ):** ବନ ବିଭାଗର ଅକ୍ଳାନ୍ତ ପରିଶ୍ରମ ପରେ ଶେଷରେ ଗୁରୁବାର ସଂଧ୍ୟା ପ୍ରାୟ ୮ଟାରେ ଧରାହେଲା ଦନ୍ତାହାତୀ। ବୌଦ୍ଧ ଜିଲ୍ଲା କଣ୍ଟାମାଳ ରେଞ୍ଜ ଅଧୀନ ବରଗାଁ ପଞ୍ଚାୟତର ଲୁଇସିଂ ଅଞ୍ଚଳରୁ ଉକ୍ତ ଦନ୍ତାହାତୀଟିକୁ ବାନ୍ଧିଛି ବନବିଭାଗ। ବୌଦ୍ଧ ଡିଏଫଓ ଦେବପ୍ରିୟ କମ୍ପଙ୍କ ନେତୃତ୍ୱରେ ଏସିଏଫ ଆଶିଷ କହଁର ଓ ଭାରପ୍ରାପ୍ତ କଣ୍ଟାମାଳ ରେଞ୍ଜର ତଥା ଏସିଏଫ କ୍ଷୀରାବ୍ଧି ପ୍ରଧାନଙ୍କ ସହ ଫରେଷ୍ଟର ଚିତ୍ତରଞ୍ଜନ ପ୍ରଧାନ, ରବିନ୍ଦ୍ର କୁମାର ଓ ବନ କର୍ମଚାରୀ ସହ ଗୋଟିଏ ସ୍ଥାନରେ ଧାନ ରଖି ହାତୀକୁ ଟ୍ରାଙ୍କୁଲାଇଜ କରି ଆୟତ୍ତ କରିଥିଲେ। ପ୍ରକାଶଯୋଗ୍ୟ ଉକ୍ତ ଦନ୍ତାହାତୀଟି ଗତ ୪/୫ ଦିନ ହେଲା କଣ୍ଟାମାଳ ରେଞ୍ଜ ଅନ୍ତର୍ଗତ ଉଦେପୁର, ଶ୍ରିମାଲ, ଲୁଇସିଂ ଆଦି ଗ୍ରାମ ଭିତରେ ପଶି ଘରଦ୍ୱାର ଭାଙ୍ଗି, ଧାନ ଚାଉଳ ଖାଇ ନଷ୍ଟ କରିବା ସହ ବାଡିବଗିଚାରୁ ବହୁ ଫସଲ ନଷ୍ଟ କରିଥିଲା। ଫଳରେ ଉତ୍ୟକ୍ତ ଲୋକେ ରାଜପଥ ନଂ ୪୧କୁ ଅବରୋଧ କରିଥିଲେ। ଉପଦ୍ରବ କରୁଥିବା ହାତୀଟିକୁ ଲୁହା ଶିକୁଳିରେ ବନ୍ଧା ହୋଇ ଗଛରେ ବାନ୍ଧି ରଖାଯାଇଥିଲା। ଶୁକ୍ରବାର ଉକ୍ତ ଦନ୍ତା ହାତୀକୁ ଢେଙ୍କାନାଳ ଜିଲ୍ଲା କପିଳାସସ୍ଥିତ ହାତୀ ଉଦ୍ଧାର କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ରହିଛି।

## ସ୍ୱନକ୍ଷତ୍ର ପାଳନ ପାଇଁ ମଶାଲ ଶୋଭାଯାତ୍ରା



**ଶଗଡା, ୫।୧ (ସମିସ):** କଣ୍ଟାମାଳ ବ୍ଲକ ଶିମିଳି ପଦର ପଞ୍ଚାୟତ ଅନ୍ତର୍ଗତ ଗବଜୋର୍ ଗ୍ରାମରେ ଥିବା ଗଙ୍ଗାଧର ମେହେର ଉଚ୍ଚ ବିଦ୍ୟାଳୟର ୩୫ତମ ସ୍ୱନକ୍ଷତ୍ର ଦିବସ ପାଳନ ପାଇଁ ଆଜି ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ମିତ୍ରଭାନୁ ସାହୁ ଓ ସମ୍ପାଦକ ସାର୍ଦ୍ଦୁଳ ନାଗଙ୍କ ଅଧକ୍ଷତାରେ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମିଶି ଏକ ମଶାଲ ଶୋଭାଯାତ୍ରା ବାହାରିଥିଲା। ସ୍ଥାନୀୟ ମାଣିକେଶ୍ୱରୀ ମନ୍ଦିରରୁ ପୂଜାର୍ଚ୍ଚନା ପରେ କିର୍ତନ୍ୟ କରି ମଶାଲ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରି ବିଦ୍ୟାଳୟରେ ପହଞ୍ଚିଥିଲା। ଦୁଇ ଦିନ ଧରି ଏହି ସ୍ୱନକ୍ଷତ୍ର ଦିବସ ପାଳନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

## ପଳଶାଗୋରା ହାଇସ୍କୁଲର ବାର୍ଷିକ କ୍ରୀଡ଼ା



**କଣ୍ଟାମାଳ, ୫।୧(ସମିସ):** କଣ୍ଟାମାଳ ବ୍ଲକ ପଳଶାଗୋରା ମିଳିତ ଗ୍ରାମପଞ୍ଚାୟତ ସରକାରୀ ଉଚ୍ଚବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସଂଜୀବ ପ୍ରହରାଜ କ୍ରୀଡା ପତାକା ଉତ୍ତୋଳନ କରିବା ପରେ ଛାତ୍ରଛାତ୍ରୀଙ୍କୁ ଖେଳରେ ଭାଗ ନେବା ପାଇଁ ପ୍ରେରଣା ଦେଇଥିଲେ। କ୍ରୀଡ଼ାଶିକ୍ଷକ ଅରୁଣ ଖଟୁଆ ଖେଳ ପରିଚାଳନା କରିଥିବା ବେଳେ ଖେଳ ଶିକ୍ଷକ ପଞ୍ଚାନନ ପ୍ରଧାନ ଓ ସୁଦାମ ମିଶ୍ର ସହଯୋଗ କରିଥିଲେ। ଉତ୍ସବରେ ଶିକ୍ଷୟିତ୍ରୀ ନିରୁପମା ମହାପାତ୍ର, ଶିକ୍ଷକ ଉମାକାନ୍ତ ପରିଡା, ଯସ୍ମିତା ସ୍ମିତା ଦେବୀ, ସଙ୍ଗୀତା ଦଣ୍ଡେସ, ରାଜେନ୍ଦ୍ର ମାଝୀ, ପ୍ରଣବ ଦିଗାଲ, ସୋନାଲି ପ୍ରିୟଦର୍ଶିନୀ, ରିଙ୍କୁ ଝାଙ୍କର , ସନତ ରଣା, ଚିନ୍ମୟ ସାହୁ, ମିଥୁନ୍ ନାଏକ, ହରପ୍ରିୟା ମହଲା, ଗୀତାଞ୍ଜଳି ସୁନା, ପ୍ରହ୍ଲାଦ ବସ୍ତିଆ ସହଯୋଗ କରିଥିଲେ।

## ଅସୁରଗଡ଼ ଲୋକ ମହୋତ୍ସବ ଲୋଗୋ ଉନ୍ମୋଚିତ



**ମନମୁଣ୍ଡା, ୫।୧(ସମିସ):** ପ୍ରଥମ ଅସୁରଗଡ ଲୋକ ମହୋତ୍ସବର ଲୋଗୋ ଉନ୍ମୋଚିତ ହୋଇଛି। ଏହି ଲୋକ ମହୋତ୍ସବ କମିଟି ସଭାପତି ଆଶିଷ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ବୟନିକା ସଭାପତି ପ୍ରକାଶଚନ୍ଦ୍ର ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବୌଦ୍ଧ ଜିଲ୍ଲା ପରିଷଦ ଉପାଧକ୍ଷ ଶଙ୍କର୍ଷଣ ପ୍ରଧାନ, କଣ୍ଟାମାଳ ବ୍ଲକ ଅଧକ୍ଷା ସସ୍ମିତା ସେନାପତି, ବରିଷ୍ଠ ବିଜେଡି ନେତା ଜାନୀ ସେନାପତି, ବିଜେଡି ରାଜ୍ୟ ସମ୍ପାଦକ ସୁଧୀର ମହାକୁଡ, ଆଇନଜୀବୀ ଅଙ୍କୁର ବେହେରା, କମିଟି ସଭ୍ୟ ରୋସନ୍ ନାୟକ, ପଙ୍କଜ ମେହେର, ବିପ୍ରଚରଣ ବେହେରା, ସୁଦାମ ମଲ୍ଲିକ, ସୁରୁବାବୁ ମେହେରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ଆସନ୍ତା ୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ ଏହି ଅସୁରଗଡ ଲୋକ ମହୋତ୍ସବ ମନମୁଣ୍ଡା ସୁବର୍ଣ୍ଣମେରୁ ପଡିଆରେ ଅନୁଷ୍ଠିତ ହେବାକୁ ଯାଉଛି।

## ବୀରମହାରାଜପୁର ମହାବିଦ୍ୟାଳୟର ଭିତ୍ତିଭୂମି ପାଇଁ ପୁଣି ମିଳିଲା ୫୧ ଲକ୍ଷ

**ସୁବଳୟା,୫।୧ (ସମିସ):** ବୀରମହାରାଜପୁର ମହାବିଦ୍ୟାଳୟରେ ନିର୍ମାଣ ହେବ ନୂତନ ପ୍ରଶାସନିକ ଭବନ। କଲେଜର ପ୍ରଶାସନିକ ଭବନ ଓ ପାଚେରି ନିର୍ମାଣ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୫୧ଲକ୍ଷ ୫୦ହଜାର ଟଙ୍କା ମଞ୍ଜୁର ହୋଇଥିବା ଜଣାଯାଇଛି। ଜୁଲାଇ ଶେଷସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ସରିବ ବୋଲି କଲେଜ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ପ୍ରଶାସନିକ କାର୍ଯ୍ୟ ନୂତନ କୋଠାକୁ ସ୍ଥାନାନ୍ତରିତ ହେଲେ ସରଳ ହେବ ବୋଲି କଲେଜ କର୍ତ୍ତୃପକ୍ଷ କହିଛନ୍ତି। ସେହିପରି



ଶ୍ରେଣୀଗୃହର ଅଭାବ ମଧ ପୂରଣ ହୋଇପାରିବ। ନୂତନ ପ୍ରଶାସନିକ ଭବନରେ ଅଧକ୍ଷଙ୍କ ପ୍ରକୋଷ୍ଠ ସହ ପ୍ରଶାସନିକ କାର୍ଯ୍ୟାଳୟ ସବୁ ରହିବ। ଏହି ଭବନରେ ଅଧକ୍ଷଙ୍କ ସମ୍ମିଳନୀ କକ୍ଷ ରହିବ। ଏବେ ୫-ଟି ଅଧିନରେ ୧କୋଟି ଟଙ୍କା ବିନିମୟରେ କଲେଜର ରୂପାନ୍ତରଣ ଜାରି ରହିଛି। ପ୍ରଶାସନିକ ଭବନ ପାଇଁ ଅର୍ଥ ମଞ୍ଜୁର ପରେ ପରିଚାଳନା କମିଟି ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି ଓ କଲେଜ ଅଧକ୍ଷ ସୁଦାମ ସାହୁ ରାଜ୍ୟ ସରକାର ତଥା ଉଚ୍ଚଶିକ୍ଷା ବିଭାଗକୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ସୋନପୁର ସହରସାରା ପଲିଥିନ୍

## ଗାଈଗୋରୁଙ୍କ ମୁହଁରେ ପ୍ରତି ମୁହୂର୍ତ୍ତରେ ବିପଦ

**ସୋନପୁର, ୫ ।୧(ସମିସ)**

ସହରାଞ୍ଚଳକୁ ସରସ ସୁନ୍ଦର କରିବା ସରକାର ଯୋଜନା କରୁଛନ୍ତି। ସେହି ଯୋଜନା ସୁପରିଚାଳନା ହୋଇ ପାରିଲେ ଜନସାଧାରଣ ପ୍ରକୃତ ଲାଭ ପାଇ ପାରନ୍ତେ। ନଦୀ ଜଙ୍ଗଲ ଘେରା ସୁନ୍ଦର ସୋନପୁର ସହରର ସୁନ୍ଦରତା ବିଗାଡୁଛି ପଲିଥିନ୍। ସୋନପୁର ସହରସାରା ଏବେ ପଲିଥିନ୍ ମୟ। ଯେଉଁଆଡେ ଦେଖିଲେ ପ୍ଲାଷ୍ଟିକ ବୋତଲ, ଗ୍ଲାସ, ପଲିଥିନ୍‌ରେ ଭର୍ତ୍ତି ହୋଇଯାଇଛି। ଏହାପ୍ରତି ଯେମିତି କାହାରି ନଜର ନାହିଁ। ପଲିଥିନ୍ ଯୋଗୁଁ ବେଶୀ ସମସ୍ୟା ଭୋଗୁଛନ୍ତି ଗାଈଗୋରୁ। ବୁଲା ଗୋରୁମାନେ ପଲିଥିନରେ ଲାଗିଥିବା ଖାଦ୍ୟ ସହ ପଲିଥିନ୍ ଖାଇ ରୋଗରେ ପଡୁଛନ୍ତି। ଏପରିକି ମୃତ୍ୟୁ ମୁଖରେ ପଡୁଥିବା ମଧ ନଜିର ରହିଛି। କେବଳ ପ୍ଲାଷ୍ଟିକ ମୁକ୍ତ ସହର ଲକ୍ଷ୍ୟ ସରକାରୀ ନାରାରେ ସୀମିତ ରହୁଛି। ଏହି ପ୍ଲାଷ୍ଟିକ ଯୋଗୁଁ ସହରର ବିଭିନ୍ନ ଡ୍ରେନରେ ଅଳିଆ ଆବର୍ଜନା ଭର୍ତ୍ତି ହୋଇ ଜାମ ହୋଇଗଲାଣି। ଫଳରେ ସହରର ବିଭିନ୍ନ ସ୍ଥାନରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏହି ସ୍ଥାନରେ ମଶା ବଂଶ ବୃଦ୍ଧି କରିବାର ଭୟ ଦେଖା ଦେଇଛି। ସହରର ଜଳ ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ ହେଉଛି ସତ କିନ୍ତୁ ଉପଯୁକ୍ତ ଭାବେ ପରିଷ୍କାର ପରିଚ୍ଛନ୍ନ କରାଯାଉ ନଥିବାରୁ ଏହି ଡ୍ରେନରେ ଅଳିଆ ଆବର୍ଜନା ଗଦା ହୋଇ ପୋତି ହୋଇ ଯାଉଛି। ସହରର ଡ୍ରେନ ବିଭିନ୍ନ ସ୍ଥାନରେ ଡଷ୍ଟବିନ ଭଳି ବ୍ୟବହାର ହେଉଛି। ବିଭିନ୍ନ ଦୋକାନ ସାମ୍ନାର ଏହି ଡ୍ରେନରେ ଅଳିଆ ପକା ଯାଉଛି। ପୌର ପରିଷଦ ପକ୍ଷରୁ ମଧ ଏହି ଡ୍ରେନ ଗୁଡିକ ଠିକ୍ ଭାବେ ପରିଷ୍କାର କରାଯାଉ ନଥିବା ଅଭିଯୋଗ ହୋଇଛି। ଅଛରାଏ ବର୍ଷା ହେଲେ ସହରର ବିଭିନ୍ନ ସ୍ଥାନରେ ପାଣି ଜମି ଦୁର୍ଗନ୍ଧରେ ନାକ ଫାଟିଯାଏ। ସହରର ଡ୍ରେନ ଗୁଡିକ ଜଳ ନିଷ୍କାସନ ପାଇଁ ନୁହେଁ ବରଂ ଡଷ୍ଟବିନ୍ ଭଳି ବ୍ୟବହାର ହେଉଛି। ପୌର ପରିଷଦ ପକ୍ଷରୁ ଚଢଉ ହେଲେ କେବଳ ପରିବା ବ୍ୟବସାୟୀଙ୍କ ଠାରୁ ପଲିଥିନ୍ ଜବତ କରାଯାଏ। ଏଭଳି ହେଲେ ସହରକୁ ପଲିଥିନ୍ ମୁକ୍ତ କରିବାର ସ୍ୱପ୍ନ ସାକାର ହୋଇ ପାରିବ ନାହିଁ ବୋଲି ନାଗରିକ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।



## ତମାଖୁ ସଚେତନତା କାର୍ଯ୍ୟକ୍ରମ



**ଚାରିଛକ, ୫।୧(ସମିସ):** ହରଭଙ୍ଗା ବ୍ଲକର ଚାରିଛକ ପଞ୍ଚାୟତ ହାଇସ୍କୁଲ ଏବଂ ଆଡ଼େନିଗଡ଼ ବାପୁଜୀ ଉଚ୍ଚ ବିଦ୍ୟାଳୟରେ ବୌଦ୍ଧ ଜନସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ତମାଖୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ମୁଖ୍ୟ ଶିକ୍ଷକ ଗୁଣନିଧି ସାହୁ ଏବଂ ବାପୁଜୀ ଉଚ୍ଚ ବିଦ୍ୟାଳୟ ମୁଖ୍ୟ ଶିକ୍ଷକ ବାଲ୍ମିକୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ ମନୋରଞ୍ଜନ ମହାକୁଳ ଏବଂ ଆଲୋକ ମିଶ୍ର ତମାଖୁ ସଚେତନ କରାଇଥିଲେ। ଏହି ବିଦ୍ୟାଳୟଦ୍ୱୟକୁ ତମାଖୁମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଯାଇଛି।

